## ସଂକ୍ଷେପରେ

### କୁକୁର କାମୁଡ଼ାରେ ୨ ଆହତ

ଅନୁଗୋଳ ଅଫିସ, ୨୧ା୭- ଅନୁଗୋଳ ଜିଲା ବନ୍ତଳା ନୂଆକ୍ଷେତା ଗ୍ରାମର ଫୁଲ ବାରିକ(୫୦)ଏକ କୁକୁର କାମୁଡ଼ାରେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଫୁଲ ସକାଳେ ଘର ପଛ ପାଖ ବଗିଚାରେ କାମ କରୁଥିବାବେଳେ କୁକୁରଟି ତାଙ୍କୁ କାମୁଡ଼ି ଦେଇଥିଲା। ସେହିପରି ଗ୍ରାମର ଅନ୍ୟ ଜଣଙ୍କୁ କଳା କୁକୁରଟି କାମୁଡ଼ିବାରୁ ତାଙ୍କ ଗୋଡ଼ରେ ମଧ କ୍ଷତ ହୋଇଥିବା ଜଣାପଡିଛି। ଗ୍ରାମବାସୀ କୁକୁରଟିକୁ ପିଟି ମାରିଦେଇଥିବା ଜଣାପଡ଼ିଛି।

### ସାପ କାମୁଡ଼ାରେ ମହିଳା ମୃତ

ଅନୁଗୋଳ ଅଫିସ, ୨୧ା୭- ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଅନ୍ତର୍ଗତ ଗଞ୍ଜଡ଼ା ଗ୍ରାମର ଶଶିକଳା ସାହୁ(୪୦)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଏନେଇ ଅନୁଗୋଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶଶିକଳା ଘରେ ଶୋଇଥିବା ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ିଥିଲା। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

### ଦନ୍ତା ଆକ୍ରମଣରେ ଜଣେ ଗୁରୁତର

ଅନୁଗୋଳ ଅଫିସ, ୨୧ା୭- ଏକ ଦନ୍ତା ହାତୀ ଆକ୍ରମଣରେ କଟକ ଜିଲା ନରସିଂହପୁର ଥାନା ଦେବଭୂଇଁ ଅଞ୍ଚଳର ଅର୍ଜୁନ ଗଡ଼ନାୟକ(୫୫) ଗୁରୁତର ହୋଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେ ସକାଳେ ଏକ ପୋଖରୀକୁ ଶୌଚ ପାଇଁ ଆସିଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ।

### ରୋଟାରି ପବ୍ଲିକ ସ୍କୁଲରେ ବନମହୋତ୍ସବ



ଅନୁଗୋଳ ଅଫିସ, ୨୧ା୭
ଅନୁଗୋଳ ରୋଟାରି ପବ୍ଲିକ ସ୍କୁଲରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବନଖଣ୍ଡ ଅଧିକାରୀ ସାଇକିରଣ ଡି.ଏନ୍. ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ରୋପଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ୟୁକୋ କ୍ଲବ ଓ ଇଣ୍ଟରଆକ୍ଟ କ୍ଲବର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସ୍କୁଲ ପରିଚାଳନା କମିଟି ଅଧକ୍ଷ ନିଖିଳ ରଞ୍ଜନ ମିଶ୍ର, କ୍ଲବ ଉପସଭାପତି ନିର୍ମଳ କୁମାର ମିଶ୍ର, ସମ୍ପାଦକ କିଶୋରୀ କୁମାର ଦେହୁରୀ, କୋଷାଧକ୍ଷ ସନ୍ଦୀପ ସିଂ, ଉପଦେଷ୍ଟା ସୁଜିତ କୁମାର ସାହୁ, ସଭ୍ୟ ସରୋଜ କୁମାରଙ୍କ ସହ ସ୍କାଉଟ ଗାଇଡ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗଦେଇ ଚାରାରୋପଣ କରିଥିଲେ। ବିଦ୍ୟାଳୟ ଅଧକ୍ଷ ସୁରେଶ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ନନ୍ଦିତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲାରେ ପ୍ରଥମ ଡେଙ୍ଗୁ ରୋଗୀ

ଅନୁଗୋଳ ଅଫିସ,୨୧ା୭-ଅନୁଗୋଳ ଜିଲାରେ ରବିବାର ଚଳିତ ବର୍ଷର ପ୍ରଥମ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛି। ତାଳଚେର ଅଞ୍ଚଳର ଜଣେ ନାବାଳକ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଆକ୍ରାନ୍ତ ଜଣକ ବୁଧବାର ଜ୍ୱରରେ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ରକ୍ତ ପରୀକ୍ଷା ପରେ ତାଙ୍କୁ ଡେଙ୍ଗୁ ହୋଇଥିବା ଜଣାପଡ଼ିଛି। ତାଙ୍କୁ କଟକ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଛି। ଗତବର୍ଷ ଜିଲାରେ ୨ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ଚଳିତ ବର୍ଷ ପ୍ରଥମ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ମେଡିକାଲ ପକ୍ଷରୁ କୁହାଯାଇଛି।

# ନିର୍ଭୟ ବଳାତ୍କାରୀ, ନିଷ୍କ୍ରିୟ ପୋଲିସ



ଘଟଣାସ୍ଥଳରେ ଡିଆଇଜି ଓ ପୋଲିସ ଅଧିକାରୀମାନେ।



ଅନୁଗୋଳ ଅଫିସ, ୨୧ା୭

ଶିଳ୍ପ ସମୃଦ୍ଧ ଅନୁଗୋଳ ଏବେ ଅପରାଧୀଙ୍କ ଚରାଭୂଇଁ ପାଲଟିଛି। ଶିଶୁ ବଳାତ୍କାର ପରି ସଙ୍ଗିନ ଘଟଣା ବୃଦ୍ଧି ଏବେ ପୋଲିସ ପ୍ରଶାସନର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ଜାନୁୟାରୀ ୨୦ରେ ଅନୁଗୋଳ ଉପକଣ୍ଠ କାଙ୍ଗୁଲାରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ନିର୍ମମ ଭାବେ ହତ୍ୟା କରାଯିବା ଘଟଣା ଲୋକଙ୍କ ମନରୁ ଲିଭି ନ ଥିବାବେଳେ ଏବେ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟ ଆହାର କେନ୍ଦ୍ର ପଛପାଖରେ ୮ ବର୍ଷୀୟା ନାବାଳିକା ଯୌନ ପିପାସୁଙ୍କ ଶିକାର ହୋଇଛନ୍ତି। ମାତ୍ର ୫ ଶହ ମିଟର ଦୂରରେ ଅନୁଗୋଳ ଥାନା ଥିଲେ ମଧ ଅପରାଧୀ ନିର୍ଭୟରେ ନାବାଳିକାଙ୍କୁ ଉଠାଇ ନେଇ ବଳାତ୍କାର କରିବା ଘଟଣାର ଗମ୍ଭୀରତାକୁ ପ୍ରକାଶ କରୁଛି। ପ୍ରତି ଛକରେ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯିବା ସହ ପାଟ୍ରୋଲିଂ ଭ୍ୟାନ ମଧ ସହରରେ ପଇଁତରା ମାରୁଛି। ହେଲେ ଅପରାଧ କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ୁଥିବାରୁ ଖାକିର ନିଷ୍କ୍ରିୟତା ପଦାରେ ପଡିଛି।

### ବଳାତ୍କାର ପରେ ବି ଜାରି ଥିଲା ନିର୍ଯ୍ୟାତନା

ନାବାଳିକାଙ୍କୁ ଉଠାଇ ଆଣି ବଳାତ୍କାର କରିବା ପରେ ବି ଥମି ନ ଥିଲା ବଳାତ୍କାରୀଙ୍କ ନିର୍ଯାତନା। ଅଭିଯୁକ୍ତ ଅତି ନିର୍ଦ୍ଦୟ ଭାବେ ପୀଡିତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ କ୍ଷତାକ୍ତ କରିଥିବା ଜଣାପଡିଛି। ଏଥିଯୋଗୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡିଥିଲା। ଅନୁଗୋଳ ମେଡିକାଲ ଡାକ୍ତରଙ୍କ ପାଇଁ ସ୍ଥିତି ଅସମ୍ଭାଳ ହେବାରୁ ପୀଡିତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା।

### ମା' ଛେଉଣ୍ଡ ନାବାଳିକା

ବଳାତ୍କାରର ଶିକାର ହୋଇଥିବା ନାବାଳିକା ଜଣକ ମା' ଛେଉଣ୍ଡ ବୋଲି ତାଙ୍କ ଜେଜେ ମା' କହିଛନ୍ତି। ବାପା ସବୁବେଳେ କାମରେ ବ୍ୟସ୍ତ ରହୁଥିବାରୁ ଜେଜେ ମା'ଙ୍କ ସାଙ୍ଗରେ ଆସିବାକୁ ସେ ଜିଦ୍ ଧରିଥିଲେ। ତେଣୁ ଜେଜେ ମା' ତାଙ୍କୁ ସାଥୀରେ ନେଇ ଆସିଥିଲେ। ହେଲେ ନାତୁଣୀ ସହ ଏପରି ଘଟଣା ଘଟିଯିବ ବୋଲି ସେ କେବେ ଭାବି ନ ଥିବା ଜେଜେ ମା' କୋହଭରା କଣ୍ଠରେ କହିଛନ୍ତି। ତୁରନ୍ତ ଦୋଷୀକୁ ଦଣ୍ଡ ଦେବାକୁ ସେ ନେହୁରା ହୋଇଛନ୍ତି।

### ଅଚଳ ଆହାରକେନ୍ଦ୍ର ସିସିଟିଭି

ବସଷ୍ଟାଣ୍ଡ ପାଖରେ ଥିବା ଆହାର କେନ୍ଦ୍ରରେ ସିସିଟିଭି ଲାଗିଥିଲେ ହେଁ ଏହା କିଛି ଦିନ ହେଲାଣି ଅଚଳ ହୋଇପଡିଛି। ଏ ବିଷୟରେ ଅପରାଧୀ ପୂର୍ବରୁ ଅବଗତ ଥିବାରୁ ସେହି ସ୍ଥାନକୁ ନିରାପଦ ଭାବି ଏହି ଅପରାଧ ଘଟାଇଥିବା କୁହାଯାଉଛି। ସିସିଟିଭି କାମ କରିଥିଲେ ପୋଲିସ ସହଜରେ ବଳାତ୍କାରୀଙ୍କୁ ଚିହ୍ନଟ କରିପାରିଥାଆନ୍ତା ବୋଲି କେତେଜଣ ସହରବାସୀ ପ୍ରକାଶ କରିଛନ୍ତି।

### ଖୋଜା ଚାଲିଛି ଚନ୍ଦା ମୁଣ୍ଡ, ଦାଢି ଥିବା ବ୍ୟକ୍ତି

ବଳାତ୍କାର କରିଥିବା ବ୍ୟକ୍ତି ଜଣକ ଚନ୍ଦା ଓ ମୁହଁରେ ଦାଢି ଥିବା ନାବାଳିକା ଜଣକ ପୋଲିସକୁ କହିବାକୁ ସାହସ କରିଥିଲେ। ଏପରିକି ଅପରାଧୀଙ୍କୁ ପୀଡିତା ଚିହ୍ନିଥିବା ମଧ ପୋଲିସ ଜାଣିବାକୁ ପାଇଛି। ଅଭିଯୁକ୍ତ ଚିହ୍ନା ହୋଇଥିବାରୁ ନାବାଳିକାଙ୍କୁ ସେ ହତ୍ୟା ଉଦ୍ୟମ କରିଥିବା ପୋଲିସ ସନ୍ଦେହ କରୁଛି। ତେଣୁ ସେହି ଅଞ୍ଚଳର ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ କରି ସନ୍ଦେହ ହେଉଥିବା ଚନ୍ଦା ଓ ଦାଢି ଥିବା ବ୍ୟକ୍ତିଙ୍କୁ ଧରି ପଚରାଉଚରା କରିଥିବା ଦେଖିବାକୁ ମିଳିଥିଲା।

### ଅସୁରକ୍ଷିତ ବସ୍ତିବାସିନ୍ଦା

କାମ ଅନୁସନ୍ଧାନରେ ବିଭିନ୍ନ ରାଜ୍ୟରୁ ଅନୁଗୋଳ ଆସି ଏଠାରେ ଅସ୍ଥାୟୀ ଭାବେ ବସ୍ତି କରି ଅସୁରକ୍ଷିତ ଭାବେ ରହୁଛନ୍ତି ଶ୍ରମିକ ଓ ସେମାନଙ୍କ ପରିବାର। ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନ କରି ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ଏଭଳି ଏକ ଘଟଣା ଘଟିଗଲା ବୋଲି ସହରବାସୀ ଅଭିଯୋଗ ଆଣିଛନ୍ତି। ଅନୁଗୋଳ ସହରରେ ଥିବା ବାଳସୁଧାର ଗୃହ ନିକଟରେ ଥିବା ପିଟିସିର ଖୋଲା ପଡ଼ିଆରେ ନାଗପୁରରୁ ବହୁ ଶ୍ରମିକ ଅସ୍ଥାୟୀ ଭାବେ ରହିଛନ୍ତି। ପୂର୍ବରୁ ମଧ କେତେଜଣ ଅସାମାଜିକ ବ୍ୟକ୍ତି ବସ୍ତି ଭିତରେ ପଶିଥିବା ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି।

### ଦୋଷୀଙ୍କୁ କଠୋର ଦଣ୍ଡ ଦାବି

ବଳାତ୍କାରୀଙ୍କୁ କଠୋର ଦଣ୍ଡ ବିଧାନ ପାଇଁ ଦାବି କରିଛି ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେଶନ୍(ଏଆଇଡିୱାଇଓ) ଅନୁଗୋଳ ଜିଲା କମିଟି। ପୀଡିତା ଓ ତାଙ୍କ ପରିବାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ କମିଟି ପକ୍ଷରୁ ଏସ୍‌ଡିପିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସହରରେ ପାଟ୍ରୋଲିଂ କଡାକଡି କରାଯିବାକୁ ଡିୱାଇଓ ସଦସ୍ୟ ମାନସ ପାଳ, ବିଷ୍ଣୁ ସାହୁ, କୈଳାସ ସାହୁ ପ୍ରମୁଖ ଦାବି କରିଛନ୍ତି।

## ବ୍ୟାଙ୍କ କାର୍ଯ୍ୟଧାରା କ୍ରିୟାଶୀଳ କରିବାକୁ ଗୁରୁତ୍ୱ

ଅନୁଗୋଳ ଅଫିସ, ୨୧ା୭



ସଭାରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ୫୮ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ବିଗତ ବର୍ଷ ବ୍ୟାଙ୍କର ଉନ୍ନତି ଓ ଆଗାମୀ ବର୍ଷ ପାଇଁ ନିର୍ଦ୍ଧାରିତ ଯୋଜନା ବାବଦରେ ସଭାପତି ଅବଗତ କରିଥିଲେ। ଏଥିସହ ବ୍ୟାଙ୍କର କାର୍ଯ୍ୟଧାରାକୁ ଅଧିକରୁ ଅଧିକ କ୍ରିୟାଶୀଳ, ଶକ୍ତିମନ୍ତ ଓ ବୁଦ୍ଧିମନ୍ତ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ବ୍ୟାଙ୍କ ସମ୍ପାଦକ ଭକ୍ତେଶ୍ୱର ମଳିକ ବ୍ୟାଙ୍କର ପ୍ରଶାସନିକ ବିବରଣୀ ପାଠ କରିବା ସହିତ ୨୦୧୯–୨୦ ବର୍ଷର ବାର୍ଷିକ ଆୟବ୍ୟୟ ଅଟକଳକୁ ସଭାରେ ଉପସ୍ଥାପନ କରିଥିଲେ। ପରିଚାଳନା ପରିଷଦର ସମସ୍ତ ସଦସ୍ୟା, ସଦସ୍ୟ, ସମସ୍ତ ସେବା ସମବାୟ ସମିତି ଓ ଅନ୍ୟାନ୍ୟ ସହବନ୍ଧିତ ସମିତିର ସଭାପତିମାନେ ଅଂଶଗ୍ରହଣ କରିଥିଲେ। ପୁରୁଣାକୋଟ ସେବା ସମବାୟ ସମିତିର ସଭାପତି ନବକିଶୋର ବିଶୋଇ ଧନ୍ୟବାଦ ଦେଇଥିଲେ।

## ଡେମୋନଷ୍ଟ୍ରେଟର ସଂଘର ରାଜ୍ୟ ସମ୍ମିଳନୀ

ଅନୁଗୋଳ ଅଫିସ, ୨୧ା୭




ଅନୁଗୋଳ ମହିମାଜ୍ୟୋତି ମହାବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରୀ କଲେଜ ଡେମୋନଷ୍ଟ୍ରେଟର ସଂଘର ରାଜ୍ୟ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ତିଳକରାମ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ଡେମୋନଷ୍ଟ୍ରେଟରମାନଙ୍କୁ ଆର୍‌ଏସିପି, ୟୁଜିସି ହାରରେ ବେତନ ଓ ପଦୋନ୍ନତି ପ୍ରଦାନ ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଆର୍‌ଏସିପି ନିୟମ ଅନୁଯାୟୀ କେତେକ ଡେମୋନଷ୍ଟ୍ରେଟର ୧୦ ବର୍ଷରୁ ଆରମ୍ଭ କରି ୩୦ ବର୍ଷ ଚାକିରିକାଳ ପରେ ଗ୍ରେଡ଼ ପେ ହାରରେ ଦରମା ପାଉଥିଲେ ମଧ ଅନ୍ୟ କେତେକଙ୍କ କ୍ଷେତ୍ରରେ ଉଚ୍ଚ ନ୍ୟାୟାଳୟ ଓ ପ୍ରଶାସନିକ ଟ୍ରିବ୍ୟୁନାଲଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥାଇ ମଧ ସରକାର ନୀତି ଲାଗୁ କରୁ ନ ଥିବା ନେଇ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଥିଲା। ରାଜ୍ୟର ବିଭିନ୍ନ ସରକାରୀ କଲେଜରୁ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ଶେଷରେ ରାଜ୍ୟ ସଭାପତି ତିଳକରାମ ପ୍ରଧାନ ଓ ଅବସରପ୍ରାପ୍ତ ଡେମୋନଷ୍ଟ୍ରେଟର ସୂର୍ଯ୍ୟମଣୀ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ମହାନ୍ତିଙ୍କ ସମେତ ଅକ୍ଷୟ ଦାସ, ସୁନିଲ ସେନ୍, ମମତା ମହାପାତ୍ର, ସୁଶାନ୍ତ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ସଂଘ ଉପସଭାନେତ୍ରୀ ସଞ୍ଜିବନୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

■ତାଳଚେର ସ୍ୱାଧୀନତା ସଂଗ୍ରାମୀ ଟ୍ରଷ୍ଟର ନୂତନ କର୍ମକର୍ତ୍ତା

## ସୁନୀଲ ସଭାପତି, ଆଲୋକ ସମ୍ପାଦକ



କଣିହାଁ,୨୧ା୭(ଡି.ଏନ୍.ଏ)

କଣିହାଁସ୍ଥିତ ତାଳଚେର ସ୍ୱାଧିନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟର ବାର୍ଷିକ ସାଧାରଣ ସଭା ରବିବାର ପ୍ରଜାମଣ୍ଡଳ ସ୍ମୃତିଭବନରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଧାକର ପ୍ରଧାନ, ସମ୍ପାଦକ ଉକାଳୁ ସାହୁ ଯୋଗଦେଇ ଟ୍ରଷ୍ଟର ଆୟବ୍ୟୟ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂଆ ସଭାପତି ଭାବେ ସୁନୀଲ କୁମାର ପ୍ରଧାନ, ଉପସଭାପତି ରଞ୍ଜନ କୁମାର ସାହୁ, ସମ୍ପାଦକ ଆଲୋକ ସାହୁ, ଯୁଗ୍ମ ସମ୍ପାଦକ ଟୁନା ସାହୁ, କୋଷାଧକ୍ଷ ରଞ୍ଜନ ମିଶ୍ର, ସଂଯୋଜକ ଭାବେ ନିର୍ମଳ ସାହୁ, ପ୍ରଦ୍ୟୁମ୍ନ ସାହୁଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ସେହିପରି ଆସନ୍ତା ସେପ୍ଟେମ୍ବର ୬ରେ ଟ୍ରଷ୍ଟ ପରିସରରେ ତାଳଚେର ପ୍ରଜା ମଣ୍ଡଳର ୮୧ ତମ ଜୟନ୍ତୀ ଉତ୍ସବ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ପୂର୍ବତନ କୋଷାଧକ୍ଷ ବିଷ୍ଣୁ ସାମଲ ଧନ୍ୟବାଦ ଦେଇଥିଲେ।

■ଜରପଡ଼ାକୁ ବ୍ଲକ ମାନ୍ୟତା ଦାବି

## ଆଞ୍ଚଳିକ ବିକାଶ ପରିଷଦର ଆନ୍ଦୋଳନ ଚେତାବନୀ

ଛେଣ୍ଡିପଦା,୨୧ା୭(ଡି.ଏନ.ଏ.)



ବୈଠକରେ ଅଂଶଗ୍ରହଣ କରିଥିବା ଜରପଡା ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟମାନେ।

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜରପଡାକୁ ବ୍ଲକ ମାନ୍ୟତା ପ୍ରଦାନ ପାଇଁ ଦାବି କରିଛି ଜରପଡା ଆଞ୍ଚଳିକ ବିକାଶ ପରିଷଦ। ଏ ନେଇ ଆଞ୍ଚଳିକ ବିକାଶ ପରିଷଦ ସଭାପତି ତଥା ପୂର୍ବତନ ସରପଞ୍ଚ ନାରାୟଣ ସାହୁଙ୍କ ଆବାହକତ୍ୱରେ ରବିବାର ଏକ ବୈଠକ ବସିଥିଲା। ବୈଠକରେ ବ୍ଲକ ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସରକାରୀ ସ୍ତରରେ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ଜରପଡା ଥାନା ଅଞ୍ଚଳରେ ଥିବା ପଞ୍ଚାୟତଗୁଡିକ ଉଭୟ ସରକାରୀ ଏବଂ ପ୍ରଶାସନିକ ସ୍ତରରେ ଅବହେଳିତ ହୋଇ ରହିଛି। ବିଭିନ୍ନ ପଞ୍ଚାୟତ ଏବଂ ଗ୍ରାମ ବ୍ଲକ ସଦରମହକୁମାଠାରୁ ପ୍ରାୟ ୪୫ ରୁ ୫୦ କିମି ଦୂରରେ ରହୁଥିବାରୁ ଗମନାଗମନ ଓ ଅନ୍ୟାନ କ୍ଷେତ୍ରରେ ଜରପଡ଼ାବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଛେଣ୍ଡିପଦା ବ୍ଲକର ୧୧ ପଞ୍ଚାୟତ, ବଣ୍ଅଁରପାଳ ବ୍ଲକର ୭, ଅନୁଗୋଳ ବ୍ଲକର ୩, ଆଠମଲ୍ଲିକ ବ୍ଲକର ୨ ପଞ୍ଚାୟତକୁ ମିଶ୍ରଣ କରି ଏକ ନୂତନ ବ୍ଲକ ଗଠନ କରିବା ପାଇଁ ବୈଠକରେ ଦାବି କରାଯାଇଥିଲା। ଏ ନେଇ ରାଜ୍ୟ ସରକାରଙ୍କ ଠାରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ବିକାଶ ପରିଷଦ ସମ୍ପାଦକ ପବିତ୍ର ସାହୁ, ରସାନନ୍ଦ ସାହୁ, ଦୁର୍ଗା ଚରଣ ପ୍ରଧାନ, ଆଡଭୋକେଟ ନୀଳକଣ୍ଠ ପ୍ରଧାନ, ସଞ୍ଜୟ କୁମାର ପ୍ରଧାନ, ସୁନୀଲ ସାହୁ, ପରମାନନ୍ଦ ସାହୁ, ମଧୁସୂଦନ ପ୍ରଧାନ, ପ୍ରତାପ ପ୍ରଧାନ ,ସରପଞ୍ଚ ବିଭୂତି ଗଡନାୟକ, ଭାନୁପ୍ରିୟା ପ୍ରଧାନ, ସମିତିସଭ୍ୟ ପ୍ରସନ୍ନ ପ୍ରଧାନ, କବିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅପରପକ୍ଷରେ ଆସନ୍ତା ଜୁଲାଇ ୪ ରେ ଜରପଡା ହାଇସ୍କୁଲ ପରିସରରେ ପରବର୍ତ୍ତୀ ପ୍ରସ୍ତୁତି ବୈଠକ ହେବ ବୋଲି ସ୍ଥିର ହୋଇଛି। ସରକାର ଏ ଦିଗରେ ବିହିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।

## ସଂକ୍ଷେପରେ

### ଜମିହରା ପ୍ରଜାଙ୍କ ଆନ୍ଦୋଳନ ନିଷ୍ପତ୍ତି

**ହିନ୍ଦୋଳ, ୨୧।୭(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅଞ୍ଚଳରେ ଗଢ଼ିଉଠିଥିବା ରୁଙ୍ଗ୍‌ଟା ମାଇନ୍ସ କମ୍ପାନୀ ଜମିହରାଙ୍କ କୌଣସି ଆପତ୍ତି ଅଭିଯୋଗ ଶୁଣୁନାହିଁ ଅଳ୍ପକିଛି ପାରିପାର୍ଶ୍ୱିକ କାର୍ଯ୍ୟ କରି ଲୋକଙ୍କୁ ଭୂଆଁ ବୁଲାଯାଉଛି। କ୍ଷତିଗ୍ରସ୍ତଙ୍କ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ପ୍ରଶାସନ ମଧ ସମୟ ଗଡ଼ାଇ ଚାଲିଛି। ସବୁଆଡୁ ନିରାଶ ହେବାପରେ ଶେଷରେ ଜମିହରାମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଅଭିଯୋଗ ଅନୁଯାୟୀ, ଧନଜୀବନ ସୁରକ୍ଷା, ନିଯୁକ୍ତି ପ୍ରମୁଖ ୧୩ଦଫା ଦାବି ପୂରଣ କରିବାରୁ କ୍ଷତିଗ୍ରସ୍ତମାନେ ଦାବି କରି ଆସୁଛନ୍ତି। ଏହାକୁ କମ୍ପାନୀ କିମ୍ବା ପ୍ରଶାସନ କର୍ଣ୍ଣପାତ କରୁନାହିଁ। ଏହାର ପ୍ରତିବାଦରେ ଜୁଲାଇ ୮ରେ ଗ୍ରାମବାସୀ କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିଲେ। ଉପଜିଲାପାଳ ଭବେଶ କୁମାର ନାୟକ ୬ ତାରିଖରେ ବୈଠକ ଡାକିଥିଲେ। ୭ଦିନ ମଧ୍ୟରେ ଆରପିଡିଏସି ବୈଠକ ଡକାଯିବାକୁ ଜିଲାପାଳଙ୍କୁ ଅନୁରୋଧ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପରେ ଆନ୍ଦୋଳନ ନିଷ୍ପତ୍ତିରୁ ଓହରି ଯାଇଥିଲେ ଗ୍ରାମବାସୀ। କଣ୍ଟ ସମୟକୁ ପୂରଣ ହୋଇସାରିଥିଲେ ମଧ ପ୍ରଶାସନ ପ୍ରତିଶ୍ରୁତି ରକ୍ଷାରେ ବିଫଳ ହୋଇଛି। ଫଳରେ ସୋମବାରଠାରୁ ଆନ୍ଦୋଳନ ଡାକରା ଦିଆଯାଇଥିବା ଗ୍ରାମ ସଭାପତି ଗଣେଶ୍ୱର ସାହୁ, ସମ୍ପାଦକ ସମରେନ୍ଦ୍ର ସାହୁ, ଉପସଭାପତି ଅନ୍ତର୍ଯ୍ୟାମୀ ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ସୂଚନା ଦେଇଛନ୍ତି।

### ମାସିକ ସାହିତ୍ୟ ଆସର

**ଢେଙ୍କାନାଳ ଅଫିସ, ୨୧।୭:** ଢେଙ୍କାନାଳ ସଂସଦ ଭବନ ପରିସରରେ ଓଡ଼ିଶା ଲେଖିକା ସଂସଦ ଶାଖାର ୪ର୍ଥ ସାରସ୍ୱତ ସମାରୋହ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଆବାହିକା ସୁକାନ୍ତି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସନ୍ଧ୍ୟା ମହାନ୍ତି, ମୁଖ୍ୟବକ୍ତା କବିତାମୟୀ ସର, ସମ୍ମାନିତ ଅତିଥି ବୀରାଲକ୍ଷ୍ମୀ ରଣା, ପ୍ରଭାତୀ ମହାପାତ୍ର, ଉପମା ସାମଲ, ବିଷ୍ଣୁପ୍ରିୟା ରଥ, ଗୌରୀ ଦେଈ, ସରିତା ପାଟସାହାଣୀ, ମଞ୍ଜୁଳ ହୋତା ପ୍ରମୁଖ ଯୋଗଦେଇ ନାରୀ ସଶକ୍ତୀକରଣ ଉପରେ ଆଲୋଚନା କରିଥିଲେ। ସଂଯୁକ୍ତା ଶରଣ ସ୍ୱାଗତ ଭାଷଣ ଦେଇଥିବାବେଳେ ବୈଜୟନ୍ତୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିକ୍ଷକଙ୍କ ପରଲୋକ

**ରାସୋଲ, ୨୧।୭(ଡି.ଏନ୍.ଏ.):** ରାସୋଲ ସର୍କଲ ଅଧୀନ କୁନୁଆ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଜନ୍ମେଶ୍ୱର ନାଏକ (୫୧)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ସେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

### ସଦ୍‌ଗୁରୁ ଅର୍ଜୁନଙ୍କ ୮୭ତମ ଜୟନ୍ତୀ

**ବଆଁରପାଳ, ୨୧।୭ (ଡି.ଏନ୍.ଏ.)** ଅନୁଗୋଳ ଜିଲା ଦିବ୍ୟଦର୍ଶନ ସଂଘ ପ୍ରତିଷ୍ଠାତା ସଦ୍‌ଗୁରୁ ଅର୍ଜୁନଙ୍କ ୮୭ତମ ଜୟନ୍ତୀ ଦିବ୍ୟଦର୍ଶନ ବଆଁରପାଳ ଶିଶୁମନ୍ଦିରରେ ପାଳିତ ହୋଇଯାଇଛି। ଏଥିରେ ବଆଁରପାଳ, ଚିଉରିଡ଼ିହ, ବୁଢ଼ାପଙ୍କ, ବଳରାମପ୍ରସାଦ, ନାଲକୋ ନଗର, କାଣ୍ଡସର ଶାଖାର ସମସ୍ତ ଗୁରୁ ଭଉଣୀଭାଇ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବାହ୍ନ ୯ ଘଟିକାରୁ ଅପରାହ୍ନ ସାଢ଼େ ୧ଟା ପର୍ଯ୍ୟନ୍ତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଦିବ୍ୟଦର୍ଶନ ସଂଘର କେନ୍ଦ୍ରୀୟ କମିଟି ସଦସ୍ୟ ସଦାନନ୍ଦ ବିଶ୍ୱାଳ, ଥାନା ଇନ୍ସପେକ୍ଟର ଇନ୍‌ଚାର୍ଜ ସୁନୀଲ କୁମାର କର, ସଭାପତି ଉଦୟନାଥ ସାହୁ, ସମ୍ପାଦକ ସଞ୍ଜୟ କୁମାର ସାହୁ, ଆଞ୍ଚଳିକ ପ୍ରତିନିଧି ହେମନ୍ତ କୁମାର ସାହୁ, ପ୍ରଧାନ ଆଚାର୍ଯ୍ୟ ଅନୁପମା ସାହ ପ୍ରମୁଖ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୯୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ରକ୍ତ ଭଣ୍ଡାରର ବାବୁଲି ଭାଇ, ଡାକ୍ତର ଶକ୍ତିପ୍ରସାଦ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଏହାକୁ ପରିଚାଳନା କରିଥିଲେ। କ୍ଷୀରୋଦ କୁମାର ପ୍ରଧାନ, ସୁବାସ ସାହୁ, ସତ୍ୟସ୍ୱରୂପ ସାହୁ, ସବ୍ୟସାଚୀ ନାୟକ, ସତ୍ୟବ୍ରତ ଦାଶ, ଭରତ ସାହୁ, ପତଞ୍ଜଳିର ମୁଖ୍ୟ ଅଭୟ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା।

# କଳ୍ପନାଙ୍କ କୀର୍ତ୍ତିକୁ ମିଳିନି ନ୍ୟାୟ

- ସୁରପ୍ରତାପ ସ୍ମୃତିପୀଠ ଅନୁଷ୍ଠାନ ପକ୍ଷରୁ କ୍ଷୋଭ
- କେନ୍ଦ୍ର ସରକାରଙ୍କୁ ଅବଗତ କରାଯିବାକୁ ନିଷ୍ପତ୍ତି


ବୈଠକରେ କାମାକ୍ଷା ପ୍ରସାଦ ସିଂଦେଓଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୨୧।୭**

ଏଭରେଷ୍ଟ ବିଜୟିନୀ କଳ୍ପନା ଦାଶଙ୍କ ଯଶକୀର୍ତ୍ତିକୁ ଉଚିତ ନ୍ୟାୟ ମିଳିନାହିଁ। ଏପରି ଜଣେ ନିଆରା ପ୍ରତିଭାକୁ ରାଜ୍ୟ କିମ୍ବା କେନ୍ଦ୍ର ସରକାର ଉପଯୁକ୍ତ ସମ୍ମାନ ଦେଇନାହାନ୍ତି। ଏହାକୁ ନେଇ କ୍ଷୋଭ ବ୍ୟକ୍ତ କରିଛି ଢେଙ୍କାନାଳ ସୁରପ୍ରତାପ ସ୍ମୃତିପୀଠ ଅନୁଷ୍ଠାନ। ପାହାଡ଼ରାଣୀ କଳ୍ପନାଙ୍କୁ ସମୁଚିତ ନ୍ୟାୟ ଦେବାକୁ କେନ୍ଦ୍ର ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ରାଜବାଟୀ ପରିସରରେ ଶନିବାର ଆୟୋଜିତ ବୈଠକରେ ଅଧ୍ୟକ୍ଷତା କରି ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂଦେଓ (କେପି) କହିଲେ, କଳ୍ପନା ଦାଶ ସାରା ଦେଶ ପାଇଁ ଗର୍ବ ଓ ଗୌରବର ପ୍ରତୀକ। ସେ ଥିଲେ ଯୁବଗୋଷ୍ଠୀର ପ୍ରେରଣାଦାୟୀ। ଅଭାବ, ଅନଟନ ତାଙ୍କୁ ଲକ୍ଷ୍ୟପଥରୁ ବିଚ୍ୟୁତ କରିପାରି ନ ଥିଲା। ନିଜର ଦୃଢ଼ ମନୋବଳ ଯୋଗୁ ସେ ଦୁଇଥର ଏଭରେଷ୍ଟ ଶିଖରରେ ପହଞ୍ଚି ପାରିଥିଲେ। ଏପରି ବିରଳ ବ୍ୟକ୍ତିତ୍ୱଙ୍କୁ ସମ୍ମାନ ଦେବାକୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କେପି କହିଛନ୍ତି। ଏହି ଅବସରରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତ, ଢେଙ୍କାନାଳର ରାଜବଧୂ ପ୍ରତିଭା କୁମାରୀ ଦେବୀ, ପାଇକ ଗୁରୁ ପ୍ରସନ୍ନ ଦଳବେହେରାଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରାଯାଇଥିଲା।

ବୈଠକରେ ରାଣୀ ସାବିତ୍ରୀ ଦେବୀ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, କୁଳମଣି ଦାସ, ପ୍ରାଧ୍ୟାପକ ପ୍ରଫୁଲ୍ଲ ମିଶ୍ର, ପ୍ରାଧ୍ୟାପିକା ବିଜୟଲକ୍ଷ୍ମୀ ଦେବୀ, ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ, ଜିଲା କଂଗ୍ରେସ ସଭାପତି ସୁରେଶ ପାଣିଗ୍ରାହୀ, ପ୍ରେମଶଙ୍କର ମିଶ୍ର, ସୁନୀଲ ଦାଶ, ସାମାଜିକ କର୍ମୀ ଶରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ସୁକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଶୈବପୀଠରେ ଚାରାରୋପଣ


ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୧।୭**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ହରିପୁରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ରବିବାର ମହାକାଳେଶ୍ୱର ଶିବ ମନ୍ଦିର ପରିସରରେ ଚାରାରୋପଣ କରାଯାଇଛି।

ମୁଖ୍ୟଅତିଥି ଭାବେ ସଦର ରେଞ୍ଜର ମନାଓର ଖାଁ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ବିଚାରପତି ଭିକାରି ଚରଣ ରାଉତ, କବି ବାହାଦୁର ପାଟସାହାଣୀ, ଏଏପି ନେତା ପଙ୍କଜ ନାୟକ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ପ୍ରଧାନ, ବ୍ରହ୍ମାକୁମାରୀ ରୀତା ପ୍ରମୁଖ ଉପସ୍ଥିତ ରହି ଗଛ ଲଗାଇଥିଲେ। ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ। ସେବା କେନ୍ଦ୍ର ପକ୍ଷରୁ ଆଗାମୀ ଦିନରେ ବ୍ୟାପକ ବନୀକରଣ କରାଯିବ ବୋଲି ସୂଚନା ଦିଆଯାଇଛି। ବ୍ରହ୍ମାକୁମାର ବସନ୍ତ, ସଦାନନ୍ଦ, ଉମ୍ମରୁଧର, ଅରୂପ, କିଶୁଚରଣ, ଆରତ, ଶ୍ରୀଧର, ବ୍ରହ୍ମାକୁମାରୀ ସଂଯୁକ୍ତା, ପ୍ରସନ୍ନମାଳା, ନନ୍ଦିନୀ, ଶାନ୍ତି, କୁନ୍ତଳା, ଶୈଳବାଳା, ମନୋରମା ପ୍ରମୁଖ ସହଯୋଗ କରିଥିଲେ।

ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା

## କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ଆହ୍ୱାନ


କର୍ମଶାଳାରେ ଭାଜପା କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୨୧।୭**

ଢେଙ୍କାନାଳ ଜିଲାରେ ଭାଜପାର ସଦସ୍ୟତା ଅଭିଯାନକୁ ଅଧିକ ବ୍ୟାପକ କରିବାକୁ ରବିବାର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ବିସ୍ତାରକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଜିଲା ପ୍ରଭାରୀ ନିରଞ୍ଜନ ମିଶ୍ର, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଜିଲା ସଭାପତି ଆଲୋଚନାରେ ଭାଗନେଇ କହିଲେ, ତୃଣମୂଳସ୍ତରରେ ସଙ୍ଗଠନ ସୁଦୃଢ଼ କରିବାକୁ ହେଲେ ଅଧିକରୁ ଅଧିକ ସଦସ୍ୟତା ଜରୁରୀ। ରାଜ୍ୟ ଓ କେନ୍ଦ୍ର ସଙ୍ଗଠନ ପକ୍ଷରୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାକୁ ହେଲେ ଅଭିଯାନ ସାମିଲ ହୋଇଥିବା କାର୍ଯ୍ୟକର୍ତ୍ତାମାନେ ଦୈନିକ ବିଭିନ୍ନ ପଞ୍ଚାୟତ ଗସ୍ତକରି ଅଧିକରୁ ଅଧିକ ଲୋକଙ୍କୁ ଦଳରେ ଅନ୍ତର୍ଭୁକ୍ତ କରିବାକୁ ପଡ଼ିବ। ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ନ ଥିଲେ ଫର୍ମ ସହାୟତାରେ ସଦସ୍ୟତା ଗ୍ରହଣ କରିବା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ଉଚିତ। ବିଶେଷ କରି ଯୁବଗୋଷ୍ଠୀକୁ ଅଧିକ ଫୋକସ କରିବାକୁ ସେ ପରାମର୍ଶ ଦେଇଥିଲେ।

କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରାଇବାକୁ ଅତିଥିମାନେ ଜନସଂଘର ପ୍ରତିଷ୍ଠାତା ଶ୍ୟାମାପ୍ରସାଦ ମୁଖାର୍ଜୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ନେତା ଶତ୍ରୁଘ୍ନ ଜେନା, ରାମଚନ୍ଦ୍ର ପାତ୍ର, ପବିତ୍ର ବିଶ୍ୱାଳ, ନବକିଶୋର ଗୁରୁ, ଅଶୋକ ନାୟକ, ରତିକାନ୍ତ ସାହୁ, ପ୍ରେମାନନ୍ଦ ଜେନା, ବିଷ୍ଣୁ ପ୍ରସାଦ ଲେଙ୍କା, ଶିବପ୍ରସାଦ ସାହୁ, ପଦ୍ମଭୂଷଣ ସାହୁ, ସତ୍ୟରଞ୍ଜନ ଭୂୟାଁ, ଅଜୟ ଭଞ୍ଜ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ। ନଗରମଣ୍ଡଳ ସଭାପତି ନୀରଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ନବଜାତକ ଶିଶୁକନ୍ୟାର ମୃତଦେହ ଉଦ୍ଧାର

**ଝୁମ୍ପୁରା ୨୧।୭ (ଡି.ଏନ.ଏ.)**

ଝୁମ୍ପୁରା ଥାନା ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥିତ ମୁରୁସୁଆଁ ଗ୍ରାମ ପ୍ରଧାନ ପୋଖରୀରୁ ଶନିବାର ନବଜାତକ ଶିଶୁକନ୍ୟାର ମୃତଦେହ ଉଦ୍ଧାର କରାଯାଇଛି। ପୋଖରୀରେ ନବଜାତକର ମୃତଦେହ ଭାସୁଥିବା ଦେଖି ଗ୍ରାମରକ୍ଷୀ କୃଷ୍ଣଚନ୍ଦ୍ର ମୁଣ୍ଡା ଲିଖିତ ଭାବେ ପୋଲିସକୁ ଜଣାଇଥିଲେ। ତେବେ ନବଜାତକର ମୃତଦେହ ପୋଖରୀକୁ କିପରି ଆସିଲା ତାହା ଜଣାପଡ଼ିନାହିଁ। ଥାନାଧିକାରୀ ଏଫ୍. ଟିଗାଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇଛି।

## ନାବାଳିକାଙ୍କୁ ଅପହରଣ, ଅଭିଯୁକ୍ତ ଗିରଫ

**ପାଟଣା, ୨୧।୭(ସ୍ୱ.ପ୍ର.)**

ନାବାଳିକା ଅପହରଣ ଅଭିଯୋଗରେ କେନ୍ଦୁଝର ଜିଲା ପାଟଣା ଥାନା ଲକ୍ଷ୍ମୀପଶି ଗ୍ରାମର ଚରଣ ମୁଣ୍ଡାଙ୍କୁ ରବିବାର ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ ଗତ ସୋମବାରଠାରୁ ସମ୍ପୃକ୍ତ ଯୁବକ ପାଟଣା ଅଞ୍ଚଳର ଜଣେ ନାବାଳିକାଙ୍କୁ ଭଦ୍ରକକୁ ନେଇଯାଇଥିଲେ। ପରେ ଝିଅ ନ ମିଳିବାରୁ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୮୬ /୧୯) ରୁଜୁ କରାଯାଇଛି। ରବିବାର ନାବାଳିକାଙ୍କ ଡାକ୍ତରୀ ମାଇନା କରାଯାଇଛି।

ଆଜି ପ୍ରଥମ ପାଳି ଶ୍ରାବଣ ସୋମବାର

# ଜଳାଭିଷେକ ପାଇଁ ଉତ୍ସାହ


କପିଳାସ ପୀଠ ଅଭିମୁଖେ କାଉଡିଆ ଭକ୍ତ।

**ଢେଙ୍କାନାଳ ଅଫିସ/ଭୁବନ (ଡି.ଏନ.ଏ.), ୨୧।୭**

ଶ୍ରାବଣ ସୋମବାର ଜଳାଭିଷେକ ପାଇଁ ଶିବଭକ୍ତଙ୍କ ମଧ୍ୟରେ ଦେଖିବାକୁ ମିଳିଛି ବେଶ୍ ଉତ୍ସାହ। ଢେଙ୍କାନାଳ ଜିଲାର ପ୍ରମୁଖ ଶୈବପୀଠରେ ଜଳଲାଗି କରିବାକୁ ଜଳଭାର ଧରି ଶ୍ରଦ୍ଧାଳୁମାନେ ଆରମ୍ଭ କରିଛନ୍ତି ପଦଯାତ୍ରା। ଗେରୁଆ ବସ୍ତ୍ରଧାରୀ କାଉଡ଼ିଆ ଭକ୍ତଙ୍କ ବୋଲ୍ ବମ୍... ହରହରବମ୍... ଧ୍ୱନିରେ ରାସ୍ତାଘାଟ କମ୍ପିଉଠିଛି।

ଶ୍ରାବଣ ଜଳଲାଗି ପାଇଁ ପ୍ରମୁଖ ଆକର୍ଷଣ ପାଲଟିଛି ଜିଲାର ପ୍ରମୁଖ ଶୈବପୀଠ କପିଳାସ। ମହାପ୍ରଭୁ ଚନ୍ଦ୍ରଶେଖରଜୀଉଙ୍କ ନିକଟରେ ଜଳାଭିଷେକ କରିବାକୁ ଜିଲା ତଥା ଜିଲା ବାହାରୁ ବହୁ କାଉଡ଼ିଆ ଜଳଭାର ଧରି ଯାତ୍ରା ଆରମ୍ଭ କରିଛନ୍ତି। ଏଥିପାଇଁ ରବିବାର ବ୍ରାହ୍ମଣୀ ନଦୀର ଗେଙ୍ଗୁଟିଆ, କମଗରା, କରମୂଳ, କାଲୁରିଆ, ମନ୍ଦାର ଘାଟ ଲୋକାରଣ୍ୟ ହୋଇଉଠିଥିଲା। ନଦୀପଠାରେ ବିଧିପୂର୍ବକ ପୂଜାର୍ଚ୍ଚନା ପରେ କାଉଡ଼ିଆମାନେ ଜଳଭାର ଉଠାଇଥିଲେ। ଏହାପରେ ମାନସିକଧାରୀମାନେ ଗନ୍ତବ୍ୟସ୍ଥଳ ଅଭିମୁଖ ଯାତ୍ରା ଆରମ୍ଭ କରିଥିଲେ।

ଚଳିତବର୍ଷ ଦେବୋତ୍ତର ବିଭାଗ ପକ୍ଷରୁ ପୀଠରେ ଜଳଲାଗି ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଣ୍ଡାଓମେଣ୍ଟ କମିଶନଙ୍କ ନିଷ୍ପତ୍ତି ଅନୁଯାୟୀ ଦେବୋତ୍ତର ବିଭାଗ ପକ୍ଷରୁ ଜଳଲାଗି ପାଇଁ ୫ଟଙ୍କା ଲେଖାଏ ଆଦାୟ କରାଯିବାକୁ ନିଷ୍ପତ୍ତି ହୋଇଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ସୁରକ୍ଷା କଡ଼ାକଡ଼ି କରାଯାଇଥିବାବେଳେ କାଉଡ଼ିଆ ଦଳକୁ ସେବା ଯୋଗାଇ ଦେବାକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

ସେହିପରି ଭୁବନ ଅଞ୍ଚଳର ପ୍ରସିଦ୍ଧ ବୁଦ୍ଧେଶ୍ୱର ଶୈବପୀଠ, ଦୌଡ଼େଶ୍ୱର ପୀଠରେ ଜଳାଭିଷେକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ପରିଚାଳନା କମିଟିର ନୂତନ କର୍ମକର୍ତ୍ତା

**କାମାକ୍ଷାନଗର, ୨୧।୭(ଡି.ଏନ.ଏ.)**

କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟିର ନୂତନ କର୍ମକର୍ତ୍ତା ଚୟନ ରବିବାର ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ସଭାପତି ଭାବେ ଆଇନଜୀବୀ ସଞ୍ଜୟ କୁମାର ମିଶ୍ର, ଉପସଭାପତି ବିଜୟ କୁମାର ସେନାପତି, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ସହସମ୍ପାଦକ କେଦାରନାଥ ସାହୁ, ସଭ୍ୟା ଭାବେ ସସ୍ମିତା ସାହୁ, ବୈଜୟନ୍ତୀ ମହାନ୍ତିଙ୍କୁ ଚୟନ କରାଯାଇଛି। ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଉକ୍ତ କମିଟି କାର୍ଯ୍ୟ କରିବ ବୋଲି ନବ ନିର୍ବାଚିତ କର୍ମକର୍ତ୍ତା କହିଛନ୍ତି।

# ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୨୧।୭**

ଲାୟନ୍ସ କ୍ଲବ ଢେଙ୍କାନାଳ କପିଳାସ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲରେ ରବିବାର ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଟି ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ବକ୍ତୃତାରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶ୍ରୀମନ ପଟ୍ଟନାୟକ ପ୍ରଥମ, ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଅଙ୍କିତା ପ୍ରିୟଦର୍ଶିନୀ ନାୟକ ଦ୍ୱିତୀୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଭବାନୀ ଶଙ୍କର ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଚିତ୍ରାଙ୍କନରେ କେନ୍ଦ୍ରୀୟ ବିଦ୍ୟାଳୟର ଅନନ୍ୟା ଅନସୂୟା ମିଶ୍ର ପ୍ରଥମ, ଆନନ୍ଦମାର୍ଗ ସ୍କୁଲର ଓମ୍ ପ୍ରସାଦ ସ୍ୱାଇଁ ଦ୍ୱିତୀୟ, ସେଣ୍ଟ ଜାଭିୟର୍ସ ସ୍କୁଲର ବିଦ୍ୟାଙ୍ଗ ଦାସ ଏବଂ କେନ୍ଦ୍ରୀୟ ବିଦ୍ୟାଳୟର କୃଷ୍ଣଜ୍ୟୋତି ବେହେରା ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସାହିତ୍ୟିକ ଆର୍ଯ୍ୟରତ୍ନ ଚକ୍ରଧର, ଅଧ୍ୟାପକ ଡ. ସୁଧାଂଶୁ ଦାସ, ଡ. ବିଜୟ ମହାପାତ୍ର, ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ବିଚାରକ ଭାବେ ଯୋଗଦେଇଥିଲେ। ସଭାପତି ମନୋରଞ୍ଜନ ସାହୁ, ସମ୍ପାଦକ ଜିତେନ୍ଦ୍ର ଶତପଥୀ, କୋଷାଧ୍ୟକ୍ଷ ଅମ୍ବୁଜ ନାୟକ, ଉପଦେଷ୍ଟା କିଶୋର ଦାସ, ଅନୁଷ୍ଠାନର ପୂର୍ବତନ ଗଭର୍ନର ଚନ୍ଦ୍ରଶେଖର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର



ରାସ୍ତା ଅବରୋଧ ନ କରିବା ଏବଂ ରାସ୍ତାର ପାର୍ଶ୍ୱରେ ସୂଚିତ ଧଳାଗାର ମଧ୍ୟରେ ଗାଡ଼ି ପାର୍କିଂ କରିବା ଉଦ୍ଦେଶ୍ୟରେ ଢେଙ୍କାନାଳ ଟ୍ରାଫିକ୍ ପୋଲିସ ପକ୍ଷରୁ ରବିବାର ଆୟୋଜିତ ସଚେତନତା କାର୍ଯ୍ୟକ୍ରମ।


ଢେଙ୍କାନାଳ ସଦର ବ୍ଲକ ଭାପୁର ପଞ୍ଚାୟତ ମହୁଲପୁଞ୍ଜି ଅଞ୍ଚଳରୁ ଦୀପାବଳି ଉପଲକ୍ଷେ ବାଣ ତିଆରି ପାଇଁ ତାଳପତ୍ର ସଂଗ୍ରହ କରାଯାଉଛି।

## ସଂକ୍ଷେପରେ

### ଭାରତର ମୁଦ୍ରାସ୍ଫୀତି ଅନୁମାନ ହ୍ରାସ କଲା ଏଡିବି




**ନୂଆଦିଲ୍ଲୀ,୨୧-୭:** ଏସିଆନ ଡେଭଲପ୍‌ମେଣ୍ଟ ବ୍ୟାଙ୍କ(ଏଡିବି) ଚଳିତ ଆର୍ଥିକ ବର୍ଷରେ ଭାରତର ମୁଦ୍ରାସ୍ଫୀତି ଅନୁମାନକୁ ୪.୧୦ ପ୍ରତିଶତକୁ ହ୍ରାସ କରିଛି। ଟଙ୍କାର ମୂଲ୍ୟ ବୃଦ୍ଧି ପାଇବା ତଥା ଦେଶର ଜିଡିପି ପୂର୍ବାନୁମାନ ହ୍ରାସ କରିବା ଯୋଗୁ ଅନ୍ତର୍ଜାତୀୟ ବ୍ୟାଙ୍କ ମୁଦ୍ରାସ୍ଫୀତି ଅନୁମାନ ହ୍ରାସ କରିବାକୁ ବାଧ ହୋଇଛି। ଏସିଆନ ଡେଭଲପ୍‌ମେଣ୍ଟ ଆଉଟଲୁକ୍, ୨୦୧୯ ସଂକ୍ରାନ୍ତ ରିପୋର୍ଟ ପ୍ରକାଶ କରି ଏଡିବି କହିଛି ଯେ, ଦକ୍ଷିଣ ଏସିଆ କ୍ଷେତ୍ରରେ ମୁଦ୍ରାସ୍ଫୀତି ହ୍ରାସ କରିବାରେ ଭାରତ ମୁଖ୍ୟ କାରକ ହେବ। ଏଥିପୂର୍ବରୁ ଏଡିବି ଭାରତର ମୁଦ୍ରାସ୍ଫୀତି ଅନୁମାନ ୪.୩୦ ପ୍ରତିଶତ ରହିବ ବୋଲି କହିଥିଲା।

### ଏୟାର ଇଣ୍ଡିଆର ବିକ୍ରି ପ୍ରୟାସ
### ପଦୋନ୍ନତି, ନୂଆ ନିଯୁକ୍ତି ବନ୍ଦ



**ନୂଆଦିଲ୍ଲୀ,୨୧-୭:** ଋଣରେ ବୁଡ଼ି ରହିଥିବା ଏୟାର ଇଣ୍ଡିଆକୁ ବିକ୍ରି କରିବା ଲାଗି ସରକାରଙ୍କ ପ୍ରୟାସ ଜୋର୍‌ଦାର ହୋଇଛି। ଏହି ରାଷ୍ଟ୍ରାୟ ବିମାନ କମ୍ପାନୀରେ କର୍ମଚାରୀଙ୍କୁ ପଦୋନ୍ନତି ଓ ନୂଆ ନିଯୁକ୍ତିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଣେ ଅଧିକାରୀ ରବିବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏୟାର ଇଣ୍ଡିଆ ଦୈନିକ ପ୍ରାୟ ୧୫ କୋଟି ଟଙ୍କା ରାଜସ୍ୱ ଆୟ କରୁଛି। ଏହା ଉପରେ ଏବେ ପ୍ରାୟ ୫୦ ହଜାର କୋଟି ଟଙ୍କାର ଋଣ ବୋଝ ରହିଛି। ଏହାକୁ ବିକ୍ରି କରିବା ଲାଗି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ଅଧକ୍ଷତାରେ ଏକ ମନ୍ତ୍ରିଗୋଷ୍ଠୀ ଗଠନ କରାଯାଇଛି। ଏହାରି ନିର୍ଦ୍ଦେଶରେ ଚଳିତ ମାସ ୧୫ରୁ କମ୍ପାନୀର ଦୈନନ୍ଦିନ ପରିଚାଳନାକୁ ବନ୍ଦ କରିଦିଆଯାଇଛି। ବିଡ୍ ଆହ୍ୱାନ ଲାଗି କମ୍ପାନୀର ଆକାଉଣ୍ଟସକୁ ଦର୍ଶାଇବା ଲାଗି ସ୍ଥିର ହୋଇଛି। କମ୍ପାନୀରେ ଏବେ ପ୍ରାୟ ୧୦ ହଜାର ନିୟମିତ କର୍ମଚାରୀ ରହିଛନ୍ତି। ତେବେ ଏ ସମ୍ପର୍କରେ ଏୟାର ଇଣ୍ଡିଆରୁ କୌଣସି ପ୍ରତିକ୍ରିୟା ମିଳିପାରିନି। ଆସନ୍ତା ୪-୫ ମାସ ଭିତରେ କମ୍ପାନୀକୁ ବିକ୍ରି କରିଦେବା ଲାଗି ସରକାର ବଦ୍ଧପରିକର ବୋଲି ଅର୍ଥ ମନ୍ତ୍ରଣାଳୟ ଅଧୀନ ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟ ସଚିବ ଅତନୁ ଚକ୍ରବର୍ତ୍ତୀ କହିଛନ୍ତି। ସୂଚନାଥାଉ କି, ୨୦୧୮ରେ କମ୍ପାନୀର ୭୬ ପ୍ରତିଶତ ଅଂଶଧନ ବିକ୍ରି ଲାଗି ସରକାରଙ୍କ ପ୍ରୟାସ ବିଫଳ ହୋଇଥିଲା। ୨୦୧୯-୨୦ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏୟାର ଇଣ୍ଡିଆକୁ ଯଥାଶୀଘ୍ର ବିକ୍ରି କରିଦେବେ ବୋଲି କହିଥିଲେ।

> ମୋବିକ୍ୱିକ୍ ଏହାର ପେମେଣ୍ଟ କମ୍ପାନୀ ଜାକ୍‌ପେ ମାଧ୍ୟମରେ ୫୦୦ କୋଟି ରାଜସ୍ୱ ଆୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି।
> **– ଉପାସନା ଟାକୁ, ମୋବିକ୍ୱିକ୍ ସହ ପ୍ରତିଷ୍ଠାତା**



> ଉତ୍ତର ପ୍ରଦେଶର ଦେଓରିଆ ଠାରେ ୧୦୦ ମେଗାୱାଟ୍‌ର ସୌର ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆମ୍‌ପ୍ଲସ୍ ଏନର୍ଜି ରାଜ୍ୟ ସରକାରଙ୍କ ସହ ଚୁକ୍ତିବଦ୍ଧ ହୋଇଛି।
> **– ସଞ୍ଜୀବ ଅଗ୍ରୱାଲ୍, ଆମ୍‌ପ୍ଲସ୍ ଏନର୍ଜି ଏମ୍‌ଡି ତଥା ସିଇଓ**



# ବିପିଏଲ୍ ର୍ୟାଙ୍କରେ ଓଡ଼ିଶା ଦ୍ୱିତୀୟ

**ଭୁବନେଶ୍ୱର,୨୧-୭**

**ରାଜ୍ୟରେ କମିନି ଦାରିଦ୍ର୍ୟ**

- ୩୩.୭୪% ସହ ବିହାର ଶୀର୍ଷରେ
- ଓଡ଼ିଶାର ଦାରିଦ୍ର୍ୟ ହାର ୩୨.୫୯%
- ୧୦.୯୫%କୁ କମାଇବା ଲକ୍ଷ୍ୟ



ରାଜ୍ୟରେ ଦାରିଦ୍ର୍ୟ କମୁଛି ବୋଲି ସରକାର ଡିଣ୍ଡିମ ପିଟୁଥିଲେ ମଧ୍ୟ ନୀତି ଆୟୋଗ ରିପୋର୍ଟରେ ଭିନ୍ନ ଚିତ୍ର ଦେଖିବାକୁ ମିଳୁଛି। ଆୟୋଗ ପକ୍ଷରୁ ବିପିଏଲ୍ ତାଲିକା ପ୍ରକାଶ କରାଯାଇଛି। ଏଥିରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ତାଲିକାରେ ୩୩.୭୪% ପଏଣ୍ଟ ସହ ବିହାର ଶୀର୍ଷରେ ରହିଛି। ତେବେ ଜାତୀୟ ସ୍ତରରେ ବିପିଏଲ୍‌ଙ୍କ ସଂଖ୍ୟା ୨୧.୯୨ ପ୍ରତିଶତ ଥିବା ବେଳେ ୩୨.୫୯ ପ୍ରତିଶତ ପଏଣ୍ଟ ସହ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି ବୋଲି ନୀତି ଆୟୋଗ ଏସ୍‌ଡିଜି ଇଣ୍ଡିଆ ଇଣ୍ଡେକ୍ସ ବେସ୍‌ଲାଇନ ରିପୋର୍ଟ କହୁଛି। ଏହି ହାରକୁ ୧୦.୯୫%କୁ କମାଇବା ଲାଗି ରିପୋର୍ଟରେ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ରାଜ୍ୟୱାରି ବିପିଏଲ୍ ତାଲିକା ପ୍ରକାଶ କରାଯାଇଥିଲା। ୨୦୧୧-୧୨ ସୁଦ୍ଧା ରାଜ୍ୟର ୧କୋଟି ୩୦ ଲକ୍ଷ ୮୫ ହଜାର ବ୍ୟକ୍ତି ବିପିଏଲ ଶ୍ରେଣୀରେ ଅର୍ଥାତ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଏଥିରେ ଦର୍ଶାଯାଇଥିଲା। ତେବେ ଓଡ଼ିଶାରେ ଦରିଦ୍ରଙ୍କ ସଂଖ୍ୟା ଦ୍ରୁତଗତିରେ କମୁଛି ବୋଲି ରାଜ୍ୟ ସରକାର ଦାବି କରି ଆସୁଛନ୍ତି। ୨୦୦୪-୦୫ରେ ରାଜ୍ୟରେ ବିପିଏଲ୍‌ଙ୍କ ସଂଖ୍ୟା ୫୭.୨% ଥିବା ବେଳେ ୨୦୧୧-୧୨ବେଳକୁ ଏହା ୨୪.୬୧ ପ୍ରତିଶତକୁ ହ୍ରାସ ପାଇଛି ବୋଲି ଦାବି କରାଯାଇଛି। ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ ୨୦୦୪-୦୫ରୁ ରାଜ୍ୟରେ ୨୫.୧ ପଏଣ୍ଟ ହାରରେ ଦାରିଦ୍ର୍ୟ କମୁଛି। ହେଲେ, ଗ୍ରାମାଞ୍ଚଳରେ ଏହି ହାର ୩୫.୬୯ ପ୍ରତିଶତ ରହିଛି। ତେବେ ସମାନ ଅବଧିରେ ତୁଳନାତ୍ମକ ଭାବେ ଜାତୀୟ ସ୍ତରରେ ଗ୍ରାମାଞ୍ଚଳର ଦାରିଦ୍ର୍ୟ ହାର ୧୬ ପ୍ରତିଶତ ପଏଣ୍ଟକୁ କମିଥିବା ରିପୋର୍ଟରେ କୁହାଯାଇଛି। ଗ୍ରାମାଞ୍ଚଳରେ ଅଧିକାଂଶ କୃଷି ଉପରେ ନିର୍ଭରଶୀଳ ଥିବାରୁ ସେଠାକାର ବିକାଶ ମୁଖ୍ୟତଃ କୃଷିର ଅଭିବୃଦ୍ଧି ସହ ଜଡ଼ିତ। ୨୦୧୧ ଜନଗଣନା ଅନୁଯାୟୀ, ଓଡ଼ିଶାର ୮୩ ପ୍ରତିଶତ ବ୍ୟକ୍ତି ଗ୍ରାମାଞ୍ଚଳରେ ବସବାସ କରୁଛନ୍ତି। ସର୍ଭେ ରିପୋର୍ଟ ଅନୁଯାୟୀ, ଗ୍ରାମୀଣ ଅର୍ଥନୀତିକୁ ବୃଦ୍ଧି କରିବା ଲାଗି ନିରନ୍ତର ପ୍ରୟାସ କରାଯାଉଥିବା ବେଳେ ଅଧିବାସୀଙ୍କୁ ଘର ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବା ଯୋଗୁ ଗ୍ରାମାଞ୍ଚଳରେ ଦାରିଦ୍ର୍ୟଙ୍କ ସଂଖ୍ୟା ହ୍ରାସ ପାଇବାରେ ସଫଳତା ମିଳୁଛି। ସେହିପରି ସହରାଞ୍ଚଳରେ ଦାରିଦ୍ର୍ୟ ହାର କମାଇବା କ୍ଷେତ୍ରରେ ରାଜ୍ୟ ସରକାର ମହତ୍ତ୍ୱପୂର୍ଣ୍ଣ ସଫଳତା ହାସଲ କରିଛନ୍ତି। ରାଜ୍ୟରେ ଏହି ହାର ୨୦.୭୧ ପ୍ରତିଶତ ରହିଥିବା ବେଳେ ଜାତୀୟ ସ୍ତରରେ ଏହା ୧୨% ରହିଛି। ଜାତୀୟ ସ୍ତରଠାରୁ ରାଜ୍ୟର ସହରାଞ୍ଚଳ ଦାରିଦ୍ର୍ୟ ଫାଙ୍କ ଏବଂ ଅସମାନତା ଦୂର କରିବା କ୍ଷେତ୍ରରେ ଓଡ଼ିଶା ସଫଳତା ହାସଲ କରୁଛି। ବସ୍ତି ଅଞ୍ଚଳରେ ଜନସଂଖ୍ୟା ୩.୨୭% ସହ ଜାତୀୟ ହାରଠାରୁ ଯଥେଷ୍ଟ ତଳେ ରହିଛି। ଜାତୀୟ ସ୍ତରରେ ଏହି ହାର ୫.୪୧% ରହିଛି। ଯଦିଓ ଜାତୀୟ ସ୍ତରଠାରୁ ରାଜ୍ୟର ଦାରିଦ୍ର୍ୟ ହ୍ରାସ ଯଥେଷ୍ଟ ଅଧିକ ରହିଥିଲେ ମଧ୍ୟ ଦାରିଦ୍ର୍ୟ ସ୍ତର ଯଥେଷ୍ଟ ଅଧିକ ରହିଛି।

## ଭୁବନେଶ୍ୱରରେ ବିକ୍ରି ହୋଇଛି ୩୧୫.୭୬ କୋଟିର ନିର୍ବାଚନୀ ବଣ୍ଡ୍

**ନୂଆଦିଲ୍ଲୀ,୨୧-୭**

ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ଲାଗି ୨୦୧୮ ମେ'ରୁ ୨୦୧୯ ମେ' ମଧ୍ୟରେ ମୋଟ ୫୮୫୧.୪୧ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ୍ ବିକ୍ରି କରାଯାଇଛି ବୋଲି ଆର୍‌ଟିଆଇ ସୂଚନାରୁ ଜଣାପଡିଛି। ତନ୍ମଧ୍ୟରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ୩୧୫.୭୬ କୋଟି ଟଙ୍କାର ବଣ୍ଡ୍ ବିକ୍ରି ହୋଇଛି ଓ ଏହାକୁ ବିକ୍ରି କରି ୨୨୬.୫୦ କୋଟି ଟଙ୍କା ନଗଦରେ ପରିଣତ କରାଯାଇଛି। ତେବେ କିଣାଯାଇଥିବା ବଣ୍ଡ୍ ମଧ୍ୟରୁ ୮୦.୬%କୁ କେବଳ ଦିଲ୍ଲୀରେ ବିକ୍ରି କରାଯାଇଛି। କାରଣ ଦେଶର ସମସ୍ତ ରାଜନୈତିକ ଦଳର ମୁଖ୍ୟାଳୟ ନୂଆଦିଲ୍ଲୀରେ ରହିଛି। ମଧ୍ୟପ୍ରଦେଶ ନିବାସୀ ଆର୍‌ଟିଆଇ କର୍ମୀ ଚନ୍ଦ୍ରଶେଖର ଗୌଡ଼ ଦୁଇଟି ସ୍ୱତନ୍ତ୍ର ଆବେଦନ ଜରିଆରେ ଏ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ପ୍ରାପ୍ତ ତଥ୍ୟ ଅନୁଯାୟୀ, ଦିଲ୍ଲୀରେ ୮୭୪.୫୦ କୋଟି ଟଙ୍କା, ମୁମ୍ବାଇରେ ୧୭୮୨.୩୬ କୋଟି ଟଙ୍କା, କୋଲକାତାରେ ୧୩୮୯ କୋଟିଟଙ୍କା, ବେଙ୍ଗାଲୁରୁରେ ୧୯୫ କୋଟି ଟଙ୍କା, ହାଇଦ୍ରାବାଦ୍‌ରେ ୮୦୬.୧୨ କୋଟି ଟଙ୍କା, ଚେନ୍ନାଇରେ ୧୮୪.୨୦ କୋଟି ଟଙ୍କାର ବଣ୍ଡ କିଣାଯାଇଛି। ଆଲୋଚ୍ୟ ଅବଧିରେ ମୋଟ ୧୦ ପର୍ଯ୍ୟାୟରେ ୫୮୩୧.୧୬ କୋଟି ଟଙ୍କାର ବଣ୍ଡ ଉଠାଯାଇଛି। ଅର୍ଥାତ୍ ୨୦.୨୫ କୋଟି ଟଙ୍କାର ବଣ୍ଡ୍‌କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଠାଯାଇପାରିନାହିଁ। ନିୟମ ଅନୁସାରେ ଏହାର ବୈଧତା ଶେଷ ହୋଇଛି। ଆଲୋଚ୍ୟ ଅବଧିରେ ଗାନ୍ଧୀନଗର, ଗୁଆହାଟୀ, ଜୟପୁର, ରାୟପୁର, ପଣଜୀ, ଥିରୁଭାନନ୍ତପୁରମ୍ ଏବଂ ବିଶାଖାପାଟନମ୍‌ରେ ମୋଟ ୨୭୯.୭୦ କୋଟି ଟଙ୍କାର ବଣ୍ଡ୍ ବିକ୍ରି କରାଯାଇଥିଲେ ହେଁ ଏହାକୁ ନଗଦ କରାଯାଇ ଟଙ୍କାଟିଏ ନିଆଯାଇନି। ଆଲୋଚ୍ୟ ସମୟ ମଧ୍ୟରେ ୧୩ ସହରରେ ଗୋଟିଏ ହେଲେ ବଣ୍ଡ୍ ବିକ୍ରି ହୋଇନାହିଁ।

## ଛୋଟ ସହରରେ ଚାଲିବ ମେଟ୍ରୋଲାଇଟ୍ ଟ୍ରେନ୍

**ନୂଆଦିଲ୍ଲୀ,୨୧-୭**



ମେଟ୍ରୋ ଟ୍ରେନ ପ୍ରଚଳନର ସଫଳତାକୁ ଦୃଷ୍ଟିରେ ରଖି ଛୋଟ ସହରରେ ଅର୍ବାନ୍ ରେଲ୍ ଟ୍ରାଞ୍ଜିଟ୍ ସିଷ୍ଟମ 'ମେଟ୍ରୋଲାଇଟ୍' ଟ୍ରେନ ଚଳାଇବାକୁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଛନ୍ତି। ମାତ୍ର ୨୫ କିମି ବେଗରେ ଗତି କରିପାରୁଥିବା ଏହି ଟ୍ରେନ୍‌ରେ ମାତ୍ର ୩ କୋଚ୍ ରହିବ।

ସଡ଼କ ତଥା ମାଟି ଉପରେ ନିର୍ମାଣ ହେବାକୁ ଥିବା ମେଟ୍ରୋଲାଇଟ୍ ଟ୍ରେନକୁ ନେଇ କେନ୍ଦ୍ର ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ବିନିର୍ଦ୍ଦିଷ୍ଟ ବିବରଣୀ ମାନଦଣ୍ଡ ଜାରି କରାଯାଇଛି। ମନ୍ତ୍ରଣାଳୟର କହିବାନୁସାରେ ମେଟ୍ରୋଲାଇଟ୍ ଟ୍ରେନ ଅନ୍ୟ ମେଟ୍ରୋ ସିଷ୍ଟମଠାରୁ କମ ମୂଲ୍ୟରେ ବିକଶିତ ହୋଇପାରିବ। ଏହା ଉଚ୍ଚ କ୍ଷମତାଯୁକ୍ତ ମେଟ୍ରୋର ଫିଡର ସିଷ୍ଟମ ଭାବେ କାର୍ଯ୍ୟ କରିପାରିବ। ଜାତୀୟ ରାଜପଥରେ ଭିଡ଼କୁ ହ୍ରାସ କରିବା କ୍ଷେତ୍ରରେ ମେଟ୍ରୋଲାଇଟ ଟ୍ରେନ ମୁଖ୍ୟ ଭୂମିକା ନେଇପାରିବ। ଏହାର ନିର୍ମାଣ ଲାଗି ମେଟ୍ରୋ ଟ୍ରେନ ଭଳି ବିଶାଳ ଖର୍ଚ୍ଚ କରିବାକୁ ପଡିବ ନାହିଁ। ସଡ଼କ ପରିବହନ କ୍ଷେତ୍ରରେ ଏହା ପାରମ୍ପରିକ ଗାଡ଼ିର ବିକଳ୍ପ ହୋଇପାରିବ। ୩ କୋଚ୍ ବିଶିଷ୍ଟ ଏହି ଟ୍ରେନ୍‌ରେ ସର୍ବାଧିକ ୩୦୦ ଯାତ୍ରୀ ଯାଇପାରିବେ। ଅର୍ବାନ ରେଲ୍ ଟ୍ରାଞ୍ଜିଟ୍ ସିଷ୍ଟମ ନିର୍ମାଣ ଲାଗି ରାଜ୍ୟ ସରକାରଗୁଡ଼ିକୁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦେବେ। ଜାତୀୟ ରାଜପଥ କଡ଼ରେ ମେଟ୍ରୋଲାଇଟ ଟ୍ରେନ୍ ପାଇଁ ସ୍ୱତନ୍ତ୍ର ରେଲ ଟ୍ରାକ୍ ନିର୍ମାଣ କରାଯିବ। ସଡ଼କ ପଥରେ ଟ୍ରାଫିକ ଭିଡଠାରୁ ଏହାକୁ ଦୂରେଇ ରଖିବା ଲାଗି ରେଲ ଟ୍ରାକ୍‌ର ଦୁଇକଡରେ ଲୌହ ବାଡ଼ ଦିଆଯିବ। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନ ବଡ଼ ବଡ଼ ସହରରେ ଯାତାୟାତ ପାଇଁ ମେଟ୍ରୋ ଟ୍ରେନ ବ୍ୟବସ୍ଥା ନିର୍ମାଣ କରାଯାଉଛି। ଏଥିପାଇଁ ଅଧିକ ବ୍ୟୟଭାର ବହନ କରିବାକୁ ପଡୁଛି। ଅଧିକ ଟ୍ରେନ ଯାତ୍ରୀଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ମେଟ୍ରୋ ଟ୍ରେନ ପ୍ରକଳ୍ପ ନିର୍ମାଣ କରାଯାଉଛି। ବିଭିନ୍ନ ସହରରେ ମେଟ୍ରୋ ଟ୍ରେନ ଚଳାଚଳର ସଫଳତାରେ ଉତ୍ସାହିତ କେନ୍ଦ୍ର ସରକାର ଏବେ ଛୋଟ ଛୋଟ ସହରରେ ମେଟ୍ରୋଲାଇଟ ଟ୍ରେନ ପ୍ରଚଳନ ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି। ସାଧାରଣ ନିର୍ବାଚନ ବେଳେ ଭାଜପା ଏହାର ନିର୍ବାଚନୀ ଇସ୍ତାହାରରେ ଦେଶର ୫୦ ସହରକୁ ମେଟ୍ରୋ ନେଟ୍‌ୱର୍କ ସହ ଯୋଡାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ମେଟ୍ରୋଲାଇଟ୍ ବ୍ୟବସ୍ଥାରେ ଆଶ୍ରୟ ପ୍ଲାଟଫର୍ମ ନିର୍ମାଣ କରାଯିବ। ଏଥିରେ କୌଣସି ଏଏଫ୍‌ସି ଗେଟ୍, ପ୍ଲାଟଫର୍ମ ସ୍କ୍ରିନ ଡୋର୍, ଏକ୍ସ-ରେ ଏବଂ ବ୍ୟାଗେଜ ସ୍କାନର ରହିବ ନାହିଁ। ଟ୍ରେନ୍‌ର କୋଚ୍ ଏବଂ ସେଲ୍‌ଟର ପ୍ଲାଟଫର୍ମରେ ହିଁ ଟିକେଟ ଭାଲିଡେଟର ରହିବେ। ଏନ୍‌ସିଏମ୍‌ସି/ଅନ୍ୟାନ୍ୟ ଟିକେଟ ବ୍ୟବସ୍ଥା ଆପଣାଯିବ। ଯେକୌଣସି ସମୟରେ ଚେକିଂ କରାଯାଇ ବିନା ଟିକେଟ ଯାତ୍ରୀଙ୍କ ଠାରୁ ଭାରିମାତ୍ରାରେ ଜରିମାନା ଆଦାୟ କରାଯିବ। ଏଲିଭେଟେଡ ମେଟ୍ରୋଲାଇନ ସିଷ୍ଟମ ଯୋଜନା ସେତେବେଳେ କାମ କରାଯିବ ଯେତେବେଳେ ଆଟ୍ ଗ୍ରେଡ ପ୍ରଣାଳୀ ଲାଗୁ କରିବା ସମ୍ଭବ ନ ହେବ। କାର୍ ସଂରଚନା ସାମଗ୍ରୀ ଷ୍ଟେନଲେସ୍ ଷ୍ଟିଲ୍ ଅଥବା ଆଲୁମିନିୟମର ହେବ। ମେଟ୍ରୋଲାଇଟ୍ ଟ୍ରେନର ସର୍ବାଧିକ ଗତି ଘଣ୍ଟାପ୍ରତି ୬୦ କିମି ହେବ। ଯେକୌଣସି ମାମଲାରେ ଅନ୍ ବୋର୍ଡ ସିଗନାଲିଂ ବିଫଳ ହେବା କ୍ଷେତ୍ରରେ ଟ୍ରେନ୍‌ର ଗତିକୁ ଘଣ୍ଟା ପ୍ରତି ୨୫ କିମିକୁ ସୀମିତ କରାଯିବ। ସଡ଼କରେ ଟ୍ରେନ ଚଳାଚଳ ସମ୍ଭବ ନ ହେଲେ ମାଟିଠାରୁ ଉଚ୍ଚରେ ଏଭଳି ଟ୍ରେନ ଚଳାଚଳ ପାଇଁ ବିଚାର କରାଯିବ।

### ରେଳ ଯାତ୍ରୀ ବୀମା
## ୨ ବର୍ଷରେ ୪୬ କୋଟି ପ୍ରିମିୟମ ସଂଗ୍ରହ

**ନୂଆଦିଲ୍ଲୀ,୨୧-୭**

ରେଲୱେ ଯାତ୍ରୀ ବୀମା ଯୋଜନା ଅଧୀନରେ ଗତ ଦୁଇବର୍ଷରେ ଘରୋଇ ବୀମା କମ୍ପାନୀ ପ୍ରାୟ ୪୬ କୋଟି ଟଙ୍କାର ପ୍ରିମିୟମ ଅର୍ଜନ କରିଛନ୍ତି। ଏହି ଅବଧିରେ ସେମାନେ ୭ କୋଟି ବୀମା ଦାବି ସମାଧାନ କରିଛନ୍ତି ବୋଲି ଆର୍‌ଟିଆଇ ସୂଚନାରୁ ଜଣାପଡିଛି। ରେଲୱେ ମନ୍ତ୍ରଣାଳୟ ଅଧୀନରେ ଥିବା ଆଇଆର୍‌ସିଟିସି ବିକଳ୍ପ ଯାତ୍ରୀ ବୀମା ଯୋଜନା ଲାଗି ଶ୍ରୀରାମ୍ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ, ଆଇସିଆଇସିଆଇ ଲୋମ୍ବାର୍ଡ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ଏବଂ ରୟାଲ ସୁନ୍ଦରମ୍ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ ସହ ଚୁକ୍ତି ସ୍ୱାକ୍ଷର କରିଛି। ୨୦୧୬ ସେପ୍ଟେମ୍ବରରେ ଏହି ଯୋଜନାକୁ ଆରମ୍ଭ କରାଯାଇଥିଲା। ଆରମ୍ଭରେ ଏହାର ପ୍ରିମିୟମ ପ୍ରତି ଯାତ୍ରୀ ୦.୯୨ ଟଙ୍କା ଥିଲା। ରେଲୱେ ୨୦୧୮ ଅଗଷ୍ଟ ୩୧ ତାରିଖ ଯାଏ ନିଜେ ବୀମା ପ୍ରିମିୟମ ବହନ କରୁଥିଲା। ଏହାପରେ ଯାତ୍ରୀଙ୍କ ଠାରୁ ପ୍ରିମିୟମ ଅସୁଲ କରାଯାଉଛି। ଏହି ସମୟରେ ପ୍ରିମିୟମକୁ ୦.୪୯ ଟଙ୍କା ପ୍ରତି ଯାତ୍ରୀକୁ ହ୍ରାସ କରାଯାଇଥିଲା। ଆଇଆର୍‌ସିଟିସି ୱେବସାଇଟରୁ ଟିକେଟ ବୁକ୍ କରିବା ବେଳେ କନ୍‌ଫର୍ମ ଅଥବା ଆର୍‌ଏସି ଟିକେଟ କ୍ଷେତ୍ରରେ ବୀମା ସୁବିଧା ଯୋଗାଇ ଦିଆଯାଉଛି।

## ଓଜିବି କର୍ମଚାରୀ ସଂଘର ଇସି ବୈଠକ




**ଭୁବନେଶ୍ୱର,୨୧-୭**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି) କର୍ମଚାରୀ ସଂଘ ପକ୍ଷରୁ ୪ର୍ଥ ଇସି ବୈଠକ ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବେଫିର ଦୃଢ ସଙ୍ଗଠକ ପ୍ରଦୀପ ଷଡଙ୍ଗୀ ଉପସ୍ଥିତ ଥିଲେ। ଓଜିବିର ଏସ୍‌ସି ଏସ୍‌ଟି କାଉନସିଲ ସମ୍ପାଦକ ଗଙ୍ଗାଧର ସେଠୀ ସଙ୍ଗଠନ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ସଂଘର ସଭାପତି ଆଶୁତୋଷ ସାମଲ, ସମ୍ପାଦକ ଅରୁଣ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ଦାସ, କାର୍ଯ୍ୟକାରୀ ସମ୍ପାଦକ ଜିତେନ ସ୍ୱାଇଁ, ଉପସଭାପତି କୈବଲ୍ୟ ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସଂଘର ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା।

## ପବନହଂସ ବିକ୍ରି ସର୍ତ୍ତ କୋହଳ

**ନୂଆଦିଲ୍ଲୀ,୨୧-୭**

କେନ୍ଦ୍ର ସରକାର ହେଲିକପ୍ଟର ସେବା କମ୍ପାନୀ ପୱନହଂସର ବିକ୍ରି ଲାଗି ସର୍ତ୍ତକୁ ଅଧିକ କୋହଳ କରିଛନ୍ତି। ଗତବର୍ଷ ସରକାର ଏହି କମ୍ପାନୀକୁ ବିକ୍ରି ଉଦ୍ୟମ କରି ବିଫଳ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ସରକାର ଉକ୍ତ ପଦକ୍ଷେପ ନେଇଛନ୍ତି। କର୍ମଚାରୀ ଛଟେଇ, ସମ୍ପତ୍ତି ବିକ୍ରି ଏବଂ ବକେୟା ଟିକସ ପ୍ରଦାନ ଭଳି ସର୍ତ୍ତଗୁଡ଼ିକୁ କୋହଳ କରାଯାଇଛି। ନୂଆ ସର୍ତ୍ତ ଅନୁଯାୟୀ ପୱନହଂସକୁ କିଣୁଥିବା କମ୍ପାନୀ ଅତିକମ୍‌ରେ ଗୋଟିଏ ବର୍ଷ ସ୍ଥାୟୀ କର୍ମଚାରୀଙ୍କୁ ଛଟେଇ କରିବେ ନାହିଁ। ପୂର୍ବରୁ ଏହା ଦୁଇବର୍ଷ ରଖାଯାଇଥିଲା। ସେହିପରି ୫୭୭ କୋଟି ଟଙ୍କାର ବକେୟା ଟିକସ ମାମଲା ପୱନହଂସ ବିରୋଧରେ ଗଲେ ତାହା ନୂଆ କ୍ରେତା କମ୍ପାନୀ ବହନ କରିବେ ନାହିଁ।

## ୨୫ରେ ଜିଏସ୍‌ଟି କାଉନ୍‌ସିଲ ବୈଠକ

**ନୂଆଦିଲ୍ଲୀ,୨୧-୭**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୫ରେ ଜିଏସ୍‌ଟି କାଉନସିଲ୍‌ର ୩୬ତମ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଇଲେକ୍ଟ୍ରିକ୍ ଗାଡ଼ି(ଇ-ଯାନ) ଉପରେ ଆଦାୟ କରାଯାଉଥିବା ଟିକସ ହ୍ରାସ କରିବା ନେଇ ନିଷ୍ପତ୍ତି ନିଆଯିବ। ଭିଡ଼ିଓକନ୍‌ଫରେନ୍ସ ମାଧ୍ୟମରେ ହେବାକୁ ଥିବା ଏହି ବୈଠକରେ ସୋଲାର ପାୱାର ଜେନେରେଶନ ସିଷ୍ଟମ୍ସ ଏବଂ ୱିଣ୍ଡ ଟର୍ବାଇନ୍ ପ୍ରକଳ୍ପ ପାଇଁ ଜିଏସ୍‌ଟି ହାର ନିର୍ଦ୍ଧାରଣ କରାଯିବାର ସମ୍ଭାବନା ରହିଛି। କାଉନସିଲ୍‌ର ୩୫ତମ ବୈଠକରେ ଇ-ଯାନ, ଇ-ଚାର୍ଜର ଓ ଇ-ଯାନ ଭଡ଼ା ଉପରେ ଜିଏସ୍‌ଟି ହାର ନିର୍ଦ୍ଧାରଣ ସଂକ୍ରାନ୍ତରେ ସୁପାରିସ୍ କରିବାକୁ ଅଫିସର୍ସ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କମିଟିର ସୁପାରିସ୍‌କୁ ଏହି ବୈଠକରେ ଉପସ୍ଥାପନ କରାଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଘରୋଇ ଇ-ଯାନ ନିର୍ମାତାଙ୍କୁ ଆଶ୍ୱସ୍ତ କରିବାକୁ ଯାଇ କେନ୍ଦ୍ର ସରକାର ଏହା ଉପରେ ୧୨ ବଦଳରେ ୫% ଜିଏସ୍‌ଟି ଆଦାୟ କରିବାକୁ ପ୍ରସ୍ତାବ ଦେଇଛନ୍ତି। ପେଟ୍ରୋଲ, ଡିଜେଲ କାର୍ ଓ ହାଇବ୍ରିଡ ଗାଡ଼ି ଉପରେ ସର୍ବାଧିକ ୨୮% ଜିଏସ୍‌ଟି ଆଦାୟ କରାଯାଉଛି। ସୋଲାର ପାୱାର ଉଦ୍ୟୋଗରେ ନିଆଯାଉଥିବା ଜିଏସ୍‌ଟି ହ୍ରାସ ପାଇଁ କାଉନ୍‌ସିଲ ବିଚାର କରୁ ବୋଲି ଦିଲ୍ଲୀ ହାଇକୋର୍ଟ ଗତ ମେ'ରେ ନିର୍ଦ୍ଦେଶ ଦେଇଥିଲେ। ଏସଂକ୍ରାନ୍ତରେ ଉଦ୍ୟୋଗ ପକ୍ଷରୁ ଏକ ମାମଲା ଦାଏର କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି କାଉନସିଲ ଆସନ୍ତା ବୈଠକରେ ଏହାକୁ ନେଇ ଆଲୋଚନା କରିବ ଓ ନିଷ୍ପତ୍ତି ନେବ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି।

## ଡ. ଅର୍ଥୋ ଆୟୁର୍ବେଦିକ ତେଲ, ସୁପର-୩୦ ମଧ୍ୟରେ ଚୁକ୍ତି




**ନୂଆଦିଲ୍ଲୀ, ୨୧-୭:** ସୁପର-୩୦ ଚଳଚ୍ଚିତ୍ରର ପ୍ରମୋଶନ ଲାଗି ଏସ୍‌ବିଏସ୍ ବାୟୋଟେକ୍‌ର ଲୋକପ୍ରିୟ ପ୍ରଡକ୍ଟ ଡ. ଅର୍ଥୋ ଆୟୁର୍ବେଦିକ ତୈଳ ଚୁକ୍ତିରେ ସାମିଲ ହୋଇଛି। ଚଳଚ୍ଚିତ୍ରର ସଫଳତା ଲାଗି କମ୍ପାନୀ ପକ୍ଷରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଏଭଳି ପଦକ୍ଷେପ ନେଇଥିବାରୁ ଖୁସି ବୋଲି କମ୍ପାନୀର ନିର୍ଦ୍ଦେଶକ ସଞ୍ଜୀବ ଜୁନେଜା କହିଛନ୍ତି। ନିଜର କର୍ତ୍ତବ୍ୟ ପାଳନ ପାଇଁ ଆନନ୍ଦ କୁମାର ବିଭିନ୍ନ ପ୍ରତିବନ୍ଧକକୁ ଉଲ୍ଲଂଘନ କରି ଗରିବ ମେଧାବୀଙ୍କୁ ଯେଭଳି ଭାବେ ସହାୟତା କରିଛନ୍ତି। ତାହା ପ୍ରଶଂସାଯୋଗ୍ୟ ବୋଲି ଜୁନେଜା କହିଛନ୍ତି। ସିନେମାରେ ଆନନ୍ଦ କୁମାର ଭୂମିକାରେ ହ୍ରିତିକ ରୋଶନ ନଜର ଆସିଥିବା ବେଳେ ରିତୁ ରଶ୍ମି ଭୂମିକାରେ ମୃଣାଳ ଠାକୁର ରହିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ଗରିବଙ୍କ ପ୍ରତି ରହିଥିବା ଅସମାନତାକୁ ଦେଖି ଆନନ୍ଦ କୁମାର କିଭଳି ମାଗଣା ଶିକ୍ଷା ପ୍ରଦାନ ଦ୍ୱାରା ଛାତ୍ରୀଛାତ୍ରଙ୍କ ଜୀବନରେ ପରିବର୍ତ୍ତନ ଆଣୁଛନ୍ତି,ସିନେମାରେ ଦେଖାଯାଇଛି। କମ୍ପାନୀର ଡ.ଅର୍ଥୋ ଅଏଲ ଆଣ୍ଠୁଗଣ୍ଠି ପୀଡା ଲାଗି ପ୍ରସ୍ତୁତ ହୋଇଛି।

**MGNREGA & NSAP SOCIAL AUDIT CALENDAR 2019-20 (OSSAAT)**
**1st April,2018 to 30th September 2018 & 1st October 2018 to 31st March 2019**

| DISTRICT Sl No. | BALASORE Name of the Block | Name of the GP | Nos. of SA ROT | VRP TE AM | NSAP Social Audit Starting Date | NSAP Social Audit ending Date | MGNREGA Social Audit Starting Date | MGNREGA Social Audit ending Date | Social Audit Gram Sabha AT | Date of Public Hearing Block | MIS uploading | Officer present during social Audit |
|---|---|---|---|---|---|---|---|---|---|---|---|---|
| 1 | | GAGANDHULI | | 1 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | BDO,JE/PEO/GRS |
| 2 | | DALANGA-2 | | 2 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | JE/PEO/GRS |
| 3 | | JALADA | | 3 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | JE/PEO/GRS |
| 4 | | DAGARPADA | | 4 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | APO,JE/PEO/GRS |
| 5 | | ACHYUTAPUR | | 5 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | JE/PEO/GRS |
| 6 | | GOBINDPUR | | 6 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | AEE,JE/PEO/GRS |
| 7 | | NANDUR | 1 | 7 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | BSSO,JE/PEO/GRS |
| 8 | | SSPUR | | 8 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | WEO,JE/PEO/GRS |
| 9 | | KURUNTA | | 9 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | AO,JE/PEO/GRS |
| 10 | | MAKHANPUR | | 10 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | AE,JE/PEO/GRS |
| 11 | | SARDANG | | 11 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | BPM,JE/PEO/GRS |
| 12 | | MAHATIPUR | | 12 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | MI,JE/PEO/GRS |
| 13 | | SUNDHIRAGANDIB | | 13 | 23.07.2019 | 26.07.2019 | 27.07.2019 | 06.08.2019 | 06.08.2019 | | | JE/PEO/GRS |
| 14 | | SARUGAON | | 1 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | AE,JE/PEO/GRS |
| 15 | | KHAIRA | | 2 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | AO,JE/PEO/GRS |
| 16 | | SARAKONA | | 3 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | WEO,JE/PEO/GRS |
| 17 | | NAYAKHANDI | | 4 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | BPM,JE/PEO/GRS |
| 18 | | KAITHAGADIA | | 5 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | APO,JE/PEO/GRS |
| 19 | KHAIRA | GADAPOKHARI | 2 | 6 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | 16.10.2019 | AS PER MORD SOCIAL AUDIT GUIDE LINES | MI,JE/PEO/GRS |
| 20 | | KUPARI | | 7 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | GPEO,JE/PEO/GRS |
| 21 | | **BARTTANA** | | **8** | **16.08.2019** | **19.08.2019** | **20.08.2019** | **27.08.2019** | **27.08.2019** | | | **AEE,JE/PEO/GRS** |
| 22 | | BADANUAGAON | | 9 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | BSSO,JE/PEO/GRS |
| 23 | | HARIPUR | | 10 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | AE,JE/PEO/GRS |
| 24 | | RATINA | | 11 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | JE/PEO/GRS |
| 25 | | BAUNSAGADIA | | 12 | 13.08.2019 | 17.08.2019 | 18.08.2019 | 29.08.2019 | 29.08.2019 | | | JE/PEO/GRS |
| 26 | | PALASA | | 1 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | AO,JE/PEO/GRS |
| 27 | | NAHANGA | | 2 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | APO,JE/PEO/GRS |
| 28 | | DUNGURA | | 3 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | WEO,JE/PEO/GRS |
| 29 | | GOLIHA | | 4 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | GPEO,JE/PEO/GRS |
| 30 | | AMARIA-AGNIPUR | | 5 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | MI,JE/PEO/GRS |
| 31 | | JHINKAIRIA | 3 | 6 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | JE/PEO/GRS |
| 32 | | MANATRI | | 7 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | AEE,JE/PEO/GRS |
| 33 | | RAPEYA | | 8 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | BPM,JE/PEO/GRS |
| 34 | | ANTARA | | 9 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | BSSO,JE/PEO/GRS |
| 35 | | BADJAYPUR | | 10 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | JE/PEO/GRS |
| 36 | | BARADA | | 11 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | JE/PEO/GRS |
| 37 | | GARSANG | | 12 | 04.09.2019 | 07.09.2019 | 08.09.2019 | 18.09.2019 | 18.09.2019 | | | JE/PEO/GRS |

SD./- BLOCK DEVELOPMENT OFFICER, KHAIRA

**ODISHA UNIVERSITY OF AGRICULTURE AND TECHNOLOGY**
**DIRECTOR OF PHYSICAL PLANTS**

Lt. No. 2072 **SHORT QUOTATION CALL NOTICE-03** Dt. 20.07.19

The DPP, OUAT Bhubaneswar on behalf of His Excellence the Chancellor, OUAT invites sealed quotation from registered Agency/Farms for "Annual Maintenance with operation of IBIJI 5 passenger lift at OUAT Main Building at Bhubaneswar.

| Sl. No. | Scope of work | AMC Period | Cost of paper (In shape of DD) |
|---|---|---|---|
| 1. | Annual Maintenance with operation of IBIJI 5 passenger lift at OUAT Main Building at Bhubaneswar. | 01 (One) Year | Rs. 2000.00 + GST@12 |

The quotation documents can be had from the office of the undersigned on payment of cost of quotation documents as above from **Dt. 22.07.2019 to 05.08.2019 upto 11.30 AM** & will be received upto 1.30 PM through registered post and will be opened at 3.30 PM on the same day in presence of the quotationers or their authorised representatives. The quotation document received after the scheduled date and time will not be considered. The details of above quotation documents are also available in OUAT website www.ouat.nic.in from Dt. 22.07.2019 to 05.08.2019 upto 11.30 AM. Intending quotationer can also download the quotation documents from the above website and submit the same alongwith the cost of document.

The quotationer shall have to furnish (i) EMD in shape of NSC/KVP/POTD/FD in schedule bank amounting 1% of the quoted amount duly pledged in favour of DPP, OUAT payable at Bhubaneswar (ii) Attested photo copies of Valid PAN Card, GSTIN, registration certificate, (iii) The quotationer should provide similar nature of completion work certificate in last 3 financial years from any Government Organization or PSU, failing which quotation will be liable for rejection (iv) Original affidavit by notary regarding authentication of document.

The authority reserves the right to accept or reject any or all the quotations without assigning any reason thereof.

**Sd./- Director of Physical Plants**

OFFICE OF THE HEADMISTRESS, **KASTURABA GANDHI BALIKA VIDYALAYA (KGBV), GOLAMUNDA**, GOLAMUNDA BLOCK, KALAHANDI

**TENDER CALL NOTICE**

Sealed tenders are invited from the registered firms / manufacturer / authorized dealers / whole sellers/ Govt. stores for supply of the item grocery, cosmetics and toilet items, vegetables, reading writing materials, Bedding, Dress materials, Non-veg items to the KASTURABA GANDHI BALIKA VIDYALAYA, GOLAMUNDA, GOLAMUNDA BLOCK of Kalahandi district for the year 2019-20. The tender form with other particulars and the list of the items can be obtained from the office of the KGBV from 10.00AM to 4.00PM in all working day w.e.f. 20.07.2019 to 20.08.2019 on payment of Rs. 200/- (Two hundred only) non refundable in shape of Bank draft payable in the State Bank of India, Golamunda. The tender paper completed in respect along with requisite documents and Earnest money in shape of Bank Draft drawn in favor of the Headmistress and Chairperson KGBV, Golamunda payable at the State Bank of India, Golamunda would only be deposited in this KGBV upto 1.00PM on dt.20.08.2019. The KGBV Level Purchase Committee meeting will be held on date 21.08.2019 at 11.00AM as mentioned in the 1 page for opening of the tender. The chairman of the purchase committee (B.D.O.) reserves the right to accept or reject the tender in whole or in part without assigning any reason thereto.

*Sd./- Headmistress, Govt. UPS (KGBV), Golamunda*

OFFICE OF THE HEADMISTRESS, **KASTURABA GANDHI BALIKA VIDYALAYA (KGBV)**, M.RAMPUR, M.RAMPUR BLOCK, KALAHANDI

Letter No. 33 **TENDER CALL NOTICE** Date: 22.07.19

Ofice of the Headmistress, KGBV, M.Rampur of Kalahandi district have invited sealed tenders from the registered firms / manufacturer / authorized dealers / whole sellers / Govt. stores for supply of the item grocery, cosmetics and toilet items, reading writing materials to KGBV, M.Rampur of Kalahandi Dist. as per following details.

| | |
|---|---|
| Particular | Kasturaba Gandhi Balika Vidyalaya (KGBV), M. Rampur |
| Address | At/PO- M.Rampur, Block- M.Rampur, Dist.- Kalahandi |
| Cost of tender paper | Rs. 200/- |
| Last date & time of receiving tender | 21.08.19 |
| Date & time of opening of tender | 22.08.19 |

For details visit District website www.kalahandi.nic.in & www.opepa.in

*By order of BDO-cum-Chairman*
*Sd./- Head Mistress, Govt. Nodal UPS (KGBV), M. Rampur, Kalahandi*

**କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ, ଦେବଗଡ଼**

**'ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ୨୦୧୯ ଖରିଫ'**

ଦେବଗଡ଼ ଜିଲ୍ଲାର ସମସ୍ତ ଚାଷୀ ଭାଇଭଉଣୀମାନଙ୍କ ପାଇଁ ବିଶେଷ ସୂଚନା, ଚଳିତ ଖରିଫ ଋତୁରେ ଚାଷ କରିଥିବା ଧାନ, ମକା, ଚିନାବାଦାମ ଓ ହରଡ଼ ଫସଲ ପାଇଁ ଋଣୀ ଓ ଅଣଋଣୀ ଚାଷୀ ହିସାବରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ସାମିଲ ହୁଅନ୍ତୁ।

ହେକ୍ଟର ପ୍ରତି ପ୍ରିମିୟମ ରାଶି ଧାନ- ୧୩୦୦ ଟଙ୍କା, ମକା ଓ ହରଡ଼- ୮୦୦ ଟଙ୍କା ଓ ଚିନାବାଦାମ-୧୧୦୦ ଟଙ୍କା ଜୁଲାଇ ୩୧ ତାରିଖ ମଧ୍ୟରେ ନିକଟସ୍ଥ ଜନସେବା କେନ୍ଦ୍ର କିମ୍ବା ବ୍ୟାଙ୍କରେ ଆବଶ୍ୟକ ଦସ୍ତାବିଜ ଦେଇ ଦାଖଲ କରିପାରିବେ। ସବିଶେଷ ବିବରଣୀ ପାଇଁ ନିକଟସ୍ଥ କୃଷି କର୍ମଚାରୀ, ବ୍ଲକ୍‌ର ସହକାରୀ କୃଷି ଅଧିକାରୀ କିମ୍ବା ଇନ୍ସୁରାନ୍ସ କମ୍ପାନୀ (HDFC ERGO GIC Ltd., Mobile No.- 7504120024)ଙ୍କ ସହିତ ଯୋଗାଯୋଗ କରିପାରିବେ।

ଅନୁରୋଧ, ଜିଲ୍ଲାର ଅଧିକରୁ ଅଧିକ ଅଣଋଣୀ ଚାଷୀ ଏହି ଯୋଜନାରେ ସାମିଲ ହୋଇ ପ୍ରାକୃତିକ ଦୈବୀ ଦୁର୍ବିପାକ ଦ୍ୱାରା ଫସଲହାନି ପରିମାଣ ବୀମା ମାଧ୍ୟମରେ ଆର୍ଥିକ ସହାୟତା ପାଆନ୍ତୁ।

ପ୍ରଶାନ୍ତ କୁମାର ସାହୁ
କୃଷି ଉପନିର୍ଦ୍ଦେଶକ, ଦେବଗଡ଼

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ସୋମବାର, ଜୁଲାଇ ୨୨ /୨୦୧୯ Dhenkanal, Monday, July 22 / 2019

## ସଂକ୍ଷେପରେ

### ଦୁର୍ଘଟଣାରେ ଗୁରୁତରଙ୍କ ମୃତ୍ୟୁ

ବଇଣ୍ଡା,୨୧।୭(ଡି.ଏନ.ଏ.)- ଠାକୁରଗଡ଼ ଥାନା ଘୋଡ଼ାବାନ୍ଧୁଣୀ ରାସ୍ତା ଛକଠାରେ ବାଇକରୁ ଖସିପଡ଼ି ଗୁରୁତର ହୋଇଥିବା ଘଣାଝରୀ ଗ୍ରାମର ପ୍ରତିମା ସାହୁଙ୍କ ମୃତ୍ୟୁ ହୋଇଛି। ଏ ନେଇ ପ୍ରତିମାଙ୍କ ଭାଇ ଡଙ୍ଗାଧର ଗ୍ରାମର ଦେବରାଜ ବାଘ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୬୮/୧୯ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଗତ ଜୁନ ୨୮ରେ ପ୍ରତିମା ଦେବରାଜଙ୍କ ଘରୁ ସମ୍ପର୍କୀୟ ରାଣୀବନ୍ଧ ଗ୍ରାମର ଶୁକଦେବ ନାୟକଙ୍କ ବାଇକ (ଓଡ଼ି୦୫ୱାଇ୦୨୨୬)ରେ ଘଣାଝରୀ ଅଭିମୁଖେ ଯାଉଥିଲେ। ଘୋଡ଼ାବାନ୍ଧୁଣୀ ଛକଠାରେ ପ୍ରତିମା ହଠାତ୍ ବାଇକରୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜୁଲାଇ ୯ରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଶିକ୍ଷକ, ଅଭିଭାବକ ବୈଠକ

ତାଳଚେର, ୨୧।୭(ନି.ପ୍ର.)- ତାଳଚେର ବ୍ଲକ ପଦ୍ମାବତୀପୁର ପଞ୍ଚାୟତ କନ୍ଧବେରେଣୀ ଆଶ୍ରମ ବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନାରାୟଣ ସାହୁଙ୍କ ଅଧକ୍ଷତାରେ ଏହି ବୈଠକରେ ମୁଖ୍ୟଅତିଥି ଭାବେ ବ୍ଲକ ସମ୍ପ୍ରସାରଣ ଅଧିକାରୀ କ୍ଷୀତିଶ କୁମାର ସେଠୀ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦୟାନିଧି ସାହୁ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ସହ ପାନୀୟ ଜଳ ଯୋଗାଣ, ଛାତ୍ରୀଛାତ୍ରୀଙ୍କ ସ୍ୱାସ୍ଥ୍ୟ, ପରିମଳ ଆଦି ବିଷୟରେ ଅଭିଭାବକମାନଙ୍କୁ ଅବଗତ କରାଇଥିଲେ। ବୈଠକରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନଙ୍କ ସହ ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଶିକ୍ଷକ ରାମଚନ୍ଦ୍ର ବେହେରା, ଘନଶ୍ୟାମ ସାହୁ, ଲକ୍ଷ୍ମୀଧର ବେହେରା, କନକ କିଷାନ, ସୁମିତା ଗଡନାୟକଙ୍କ ସମେତ କାଳିଆ ସାହୁ, ଗୟାଧର ସାହୁ, ଅଶୋକ ନାୟକ ପ୍ରମୁଖ ସହଯୋଗ କରିଥିଲେ।

### ଥମୁନି ହାତୀ ଉପଦ୍ରବ

ବଇଣ୍ଡା,୨୧।୭(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ହଣ୍ଡପା ରେଞ୍ଜ ଅଧୀନରେ ଥିବା ରାଇନାଳୀ, ହେମାମୁରା, ବାତ୍ରାଖୋଳ, ଲକ୍ଷ୍ମୀପୁର, ଟେଣ୍ଟୁଲୀ ଗ୍ରାମ ଗୁଡ଼ିକରେ ଗତ କିଛିଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ନିକଟସ୍ଥ ଜଙ୍ଗଲରୁ ହାତୀପଲ ଗ୍ରାମାଭିମୁଖୀ ହୋଇ ଫସଲ ନଷ୍ଟ କରୁଛନ୍ତି। ବିଶେଷ କରି କଦଳୀ, ଆମ୍ବ ଗଛ ଗୁଡିକୁ ଭାଙ୍ଗି ଦେଉଛନ୍ତି। ବାରମ୍ବାର ହାତୀ ଉପଦ୍ରବ ଯୋଗୁ ଅଞ୍ଚଳବାସୀ ଭୟଭୀତ ହୋଇ ପଡ଼ିଥିବାବେଳେ ରାତି ଉଜାଗର ରହି ବାଣ ଫୁଟାଇ ଘଉଡ଼ାଉଛନ୍ତି। ତୁରନ୍ତ ଏଥିପ୍ରତି ବନବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

### ୨୩ରେ ବିଏମ୍ଏସର ପ୍ରତିଷ୍ଠା ଦିବସ

ବଅଁରପାଳ,୨୧।୭(ଡି.ଏନ୍.ଏ)- ଭାରତୀୟ ମଜଦୁର ସଂଘ (ବିଏମ୍ଏସ)ର ୬୫ ତମ ପ୍ରତିଷ୍ଠା ଦିବସ ଆସନ୍ତା ୨୩ରେ ନାଲ୍କୋ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ। ଏଥିରେ ନାଲ୍କୋ ମାନବ ସମ୍ବଳ ବିଭାଗର ନିର୍ଦ୍ଦେଶକ ବସନ୍ତ କୁମାର ଠାକୁର ମୁଖ୍ୟଅତିଥି ଓ ଅନାଦି ଶଙ୍କର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତିଷ୍ଠା ଦିବସରେ ନାଲ୍କୋର ଉନ୍ନତି ତଥା ଶ୍ରମିକଙ୍କ ବିକାଶ ଉପରେ ଆଲୋଚନା କରାଯିବ ବୋଲି ଆଲୁମିନିୟମ ମଜଦୁର ସଂଘର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ବେହେରା କହିଛନ୍ତି।

### ଯୌତୁକ ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

କଣିହାଁ,୨୧।୭(ଡି.ଏନ୍.ଏ)- ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓସିପି କଲୋନୀର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ପୋଲିସ ଗିରଫ କରି ରବିବାର ତାଳଚେର କୋର୍ଟଚାଲାଣ କରିଛି। ପୂର୍ଣ୍ଣଚନ୍ଦ୍ର ପରଜଙ୍ଗ ଥାନା ବାରିହାପୁର ଗ୍ରାମର ଚିନ୍ମୟୀ ବେହେରାଙ୍କୁ ୨୦୧୮ରେ ବିବାହ କରିଥିଲେ। ବିବାହ ପରେ ସେ ୩ ଲକ୍ଷ ଟଙ୍କା ଯୌତୁକ ଦାବି କରି ନିର୍ଯାତନା ଦେଉଥିବା ଚିନ୍ମୟୀ ରେଙ୍ଗାଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ନଂ. ୭୩/୧୯ରେ ଏକ ମାମଲା ରୁଜୁ କରିଥିଲା।

■ଛେଣ୍ଡିପଦାରେ ଜେଏମ୍ଏଫସି କୋର୍ଟ ଉଦ୍‌ଘାଟିତ

# 'ଅଦାଲତର ଉଦ୍ଦେଶ୍ୟ ସାଧିତ କରନ୍ତୁ ଓକିଲ'

ଛେଣ୍ଡିପଦା, ୨୧।୭(ସ୍ୱ.ପ୍ର/ଡି.ଏନ.ଏ.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଦରମହକୁମାରେ ରବିବାର ଦେୱାନୀ ବିଚାରପତି (କନିଷ୍ଠ ବିଭାଗ) ତଥା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଜେଏମ୍ଏଫସି)ଙ୍କ ଅଦାଲତ ଉଦ୍‌ଘାଟିତ ହୋଇଯାଇଛି। ହାଇକୋର୍ଟ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ କୋର୍ଟ ଉଦ୍‌ଘାଟନ କରି ଆୟୋଜିତ ସଭାରେ ଯୋଗଦେଇ କହିଲେ, କୌଣସି ମାମଲାରେ ନ୍ୟାୟ ପାଇଁ ଏହି ଅଞ୍ଚଳର ଲୋକେ ଅନୁଗୋଳ ଯାଇ ଖର୍ଚ୍ଚାନ୍ତ ହେଉଥିଲେ। ନୂତନ ଅଦାଲତ



ଜଷ୍ଟିସ ବିଶ୍ୱନାଥ ରଥ ନୂତନ କୋର୍ଟ ପରିସରରେ ଆୟୋଜିତ ସଭା କାର୍ଯ୍ୟ ଉଦ୍‌ଘାଟନ କରୁଛନ୍ତି।



କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ, ଆଇନଜୀବୀ ଓ ଅନ୍ୟମାନେ।

ଦ୍ୱାରା ସେମାନେ ନିକଟରେ ନ୍ୟାୟ ପାଇପାରିବେ। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଓକିଲମାନେ ସେମାନଙ୍କୁ ସହଯୋଗ କରି ଅଦାଲତର ମହତ୍ ଉଦ୍ଦେଶ୍ୟ ସାଧିତ କରିବା ପାଇଁ ଜଷ୍ଟିସ ରଥ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅନୁଗୋଳ ଜିଲା ଦୌରାଜଜ ଅଶାନ୍ତ କୁମାର ଦାସ ଯୋଗ ଦେଇ ଗରିବ ଲୋକଙ୍କୁ ମାଗଣା ଆଇନ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଖୁବଶୀଘ୍ର ଏହି ଅଦାଲତକୁ ତାଲୁକ ଆଇନ ସେବା ପ୍ରାଧିକରଣ ଭାବେ ଘୋଷଣା କରାଯିବ ବୋଲି ପ୍ରକାଶ କରିଥିଲେ। ଅତିରିକ୍ତ ଜିଲା ଦୌରାଜଜ ସୁରେଶ କୁମାର ପ୍ରଧାନ, ସିଜିଏମ ସୌମ୍ୟକ କୁମାର ପାତ୍ର, କୋର୍ଟ ରେଜିଷ୍ଟ୍ରାର ବାସୁଦେବ ଆଚାର୍ଯ୍ୟ, କୋର୍ଟ ମ୍ୟାନେଜର ସୁମନ କୁମାର, ଜିଲାପାଳ ମନୋଜ କୁମାର ମହାନ୍ତି, ତହସିଲଦାର ଡାନିଏଲ ଏକ୍କା, ବିଡିଓ ରୋମାଞ୍ଚଳ ଖମାରୀଙ୍କ ସମେତ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଅବସରରେ କୋର୍ଟର ନୂତନ ବିଚାରପତି ଭାବେ ଶାନ୍ତା ସାମଲ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଛେଣ୍ଡିପଦା ବାର ଆସୋସିଏଶନ ସଭାପତି ପ୍ରଭାତ କୁମାର ବେହେରା, ସମ୍ପାଦକ ରାଜକିଶୋର ବେହେରା, ଅନୁଗୋଳ ବାର ଆସୋସିଏଶନ ସଭାପତି ଜିତେନ୍ଦ୍ର ସାହୁ, ନଗେନ ନନ୍ଦ, ଚିତ୍ତରଞ୍ଜନ ସାହୁ, ବସନ୍ତ ପ୍ରଧାନ, ଲମ୍ବୋଦର ପ୍ରଧାନ, ନଗେନ କୁମାର ସାହୁ, ଗୋପବନ୍ଧୁ ସାହୁ, ଭୋଳେଶ୍ୱର ବେହେରା, ମଧୁସୂଦନ କର, ପ୍ରଦୀପ ଗଡନାୟକଙ୍କ ସମେତ ଛେଣ୍ଡିପଦା ବାର ଆସୋସିଏଶନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ଆଇନଜୀବୀ ଭୋଳେଶ୍ୱର ବେହେରା ମୁଖ୍ୟଅତିଥିଙ୍କୁ ସ୍ମୃତିସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ।

# ଭିଏସ୍ଏସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ



ବଇଣ୍ଡା,୨୧।୭(ଡି.ଏନ.ଏ.)

ରାଜ୍ୟରେ ଅନେକ ଯୋଜନା ପ୍ରଚଳନ ସତ୍ତ୍ୱେ ଅନେକ ଗ୍ରାମାଞ୍ଚଳରେ ଏହା ପହଞ୍ଚି ପାରୁନାହିଁ। ଏଥିପ୍ରତି ସମସ୍ତ ଅଧିକାରୀ ଗୁରୁତ୍ୱ ଦେବା ଆବଶ୍ୟକ। ବିଶେଷ କରି ଏ ଦିଗରେ ବନ ସଂରକ୍ଷଣ ସମିତିର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ସମିତି ଦ୍ୱାରା ଗ୍ରାମାଞ୍ଚଳର ଅନେକ ବିକାଶ ହୋଇପାରିବ ବୋଲି ଶୁକ୍ରବାର ଆଠମଲ୍ଲିକ ବନଖଣ୍ଡ ତଥା ଖଣ୍ଡାୟ ପରିଚାଳନା ସଂସ୍ଥା ତରଫରୁ ବନଖଣ୍ଡ ସଭାଗୃହ ପରିସରରେ ଆୟୋଜିତ ଅନ୍ତଃ ବିଭାଗୀୟ ଏକାଭିମୁଖୀ କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ ପ୍ରକାଶ କରିଛନ୍ତି। ଆଠମଲ୍ଲିକ ଡିଏଫଓ ସମ୍ୟକ ସାମନ୍ତରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ନାବାର୍ଡ ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଶରତ କୁମାର ବେହେରା, କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦା, ଆଠମଲ୍ଲିକ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ଗଗନ ବିହାରୀ ନାୟକ, ମହେଶ୍ୱର ଗୋଡ଼ା, ମହେଶ୍ୱର ସାହୁ, ନିରୋଦ ଜେନା, ବନବିଭାଗର ଏସିଏଫ ରାଜେନ୍ଦ୍ର ଗୋଚ୍ଛାୟତ, ଗୌରୀଶଙ୍କର ଦାସଙ୍କ ସମେତ କୃଷି, ଉଦ୍ୟାନ, ପଶୁ ସମ୍ପଦ, ସ୍ୱାସ୍ଥ୍ୟ, ମତ୍ସ୍ୟ, ଜୀବିକା ମିଶନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଆଠମଲ୍ଲିକ ଓ ମାଧପୁର ରେଞ୍ଜ ଅଧୀନରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ୪୫ଟି ବନ ସଂରକ୍ଷଣ ସମିତିରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ରୋଜଗାର ଯୋଜନା ମାଧ୍ୟମରେ ପୋଖରୀ ପୁନନୁଦ୍ଧାର, ଗାଧୁଆ ତୁଠ ଆଦି କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଆଠମଲ୍ଲିକ ଓ କିଶୋରନଗର ବ୍ଲକର ୭୫ଟି ବନ ସଂରକ୍ଷଣ ସମିତି ଅଧୀନରେ ଉଭୟ ବ୍ଲକ ପଞ୍ଚାୟତଗୁଡ଼ିକରେ ରହିଯାଇଥିବା ପାଇଖାନା ନିର୍ମାଣ ପାଇଁ ଚିଠା ପ୍ରସ୍ତୁତ ହୋଇଥିଲା। ବନବିଭାଗର ସମସ୍ତ କର୍ମଚାରୀ, ସ୍ୱେଚ୍ଛାସେବୀ ସଙ୍ଗଠନ, ବିଶ୍ୱ ଯୁବ କେନ୍ଦ୍ର(ବଣିନାଳୀ), ସହାୟକ ବନ ସଂରକ୍ଷକ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଆଠମଲ୍ଲିକର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

■ଛେଣ୍ଡିପଦାରେ ଗ୍ରୀଷ୍ମପ୍ରବାହ ଜାରି

# ଅଟକିଛି ଚାଷ, ମରୁଡ଼ି ଆଶଙ୍କା

ଛେଣ୍ଡିପଦା,୨୧।୭(ଡି.ଏନ.ଏ.)



ଅନୁଗୋଳ କୃଷି ଜିଲା ଅନ୍ତର୍ଗତ ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଜାରି ରହିଛି ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳି। ଜୁଲାଇ ଆରମ୍ଭରୁ ସ୍ୱଳ୍ପ ବର୍ଷା ପରେ ଆଉ ବର୍ଷାର ନାଁ ଗନ୍ଧ ନାହିଁ। ଲଗାତର ୧୫ ଦିନ ହେଲାଣି ପ୍ରବଳ ଖରା ଯୋଗୁ ଗ୍ରୀଷ୍ମଋତୁ ପରି ଅନୁଭୂତ ହେଉଛି। ବର୍ଷା ଅଭାବରୁ ଏବେ ସମଗ୍ର ବ୍ଲକରେ ଅଞ୍ଚଳରେ ଚାଷ ପ୍ରଭାବିତ ହୋଇଛି। ଜୁନରେ ଚାଷୀମାନେ ଧାନ ବୁଣା ସାଙ୍ଗକୁ ତଳିପକା କାର୍ଯ୍ୟ କରିଥିଲେ। ଅଦ୍ୟାବଧି ବର୍ଷା ହେଉ ନ ଥିବାରୁ ଚାଷକାର୍ଯ୍ୟ ଆଗେଇପାରୁନି। ଆଉ କିଛି ଦିନ ଏପରି ଲାଗି ରହିଲେ ମରୁଡ଼ି ସ୍ଥିତି ଉପୁଜିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

ସାଧାରଣତଃ ଜୁଲାଇରେ ୨୫୦ ମିମିରୁ ୩୦୦ ମିମି ବର୍ଷା ଆବଶ୍ୟକ ହୋଇଥାଏ। ହେଲେ ବ୍ଲକ ଅଫିସ ବୃଷ୍ଟିପାତ ବିବରଣୀ ଅନୁଯାୟୀ ମାତ୍ର ୪ ଦିନ ଜୁଲାଇରେ ୨ରେ ୧୨.୬ ମିମି, ୩ରେ ୬.୨ମିମି, ୪ରେ ୧୩.୪ ମିମି, ୬ରେ ୯.୬ ମିମି ବର୍ଷା ହୋଇଛି। ସେହିପରି ଜୁନରେ ମୌସୁମୀ ବର୍ଷା ନ ଥିବାବେଳେ କେବଳ ଲଘୁଚାପଜନିତ ୨୦୮.୪ ମିମି ବୃଷ୍ଟିପାତ ହୋଇଥିବା ରେକର୍ଡ କରାଯାଇଛି। ଏହାପରଠାରୁ ଆଦୌ ବୃଷ୍ଟିପାତ ହୋଇ ନ ଥିବା ଯୋଗୁ ଧାନ ସହ ଅଣଧାନ ଫସଲ, ପନିପରିବା ଚାଷ ଆଦି ଉଜୁଡ଼ିବାକୁ ବସିଛି। ହାତଗଣତି ଭାବେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବନ୍ଧ, ଗାଡିଆ, ପୋଖରୀ ସହ ନଈନାଳ ଆଦି ଶୁଖିଲା ହୋଇପଡିଛି। ବ୍ଲକ ଅଞ୍ଚଳର ଅଧିକାଂଶ ଚାଷୀ ବର୍ଷା ଉପରେ ନିର୍ଭର କରୁଥିବାରୁ ଏବେ ସେମାନେ ଫସଲହାନି ଚିନ୍ତାରେ ପଡିଛନ୍ତି। ଏହାର ମୁକାବିଲା ପାଇଁ କୃଷି ବିଭାଗ, ଜିଲା ପ୍ରଶାସନ ପକ୍ଷରୁ କୌଣସି ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ସ୍ଥିତିରେ ସୁଧାର ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

### ପିକଅପ୍ ଭ୍ୟାନ ଦୁର୍ଘଟଣାଗ୍ରସ୍ତ

ବଅଁରପାଳ, ୨୧।୭(ଡି.ଏନ.ଏ.)

ବଅଁରପାଳ ଥାନା ମହୀଧରପୁର ଡାକବଙ୍ଗଳା ନିକଟରେ ଶନିବାର ପରିବାର ବୋଝେଇ ପିକଅପ୍ ଭ୍ୟାନ ଏକ ବିଦ୍ୟୁତ ଖୁଣ୍ଟରେ ଧକ୍କା ଦେଇ ଓଲଟି ପଡ଼ିଛି। ଏଥିରେ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ବରଗଡ଼ରୁ ପରିବା ବୋଝେଇ କରି ଭ୍ୟାନଟି ଭୁବନେଶ୍ୱର ଅଭିମୁଖେ ଆସୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### କବାଟ ଭାଙ୍ଗି ଲୁଟ୍ ଘଟଣା, ଜଣେ ଗିରଫ

ଅନୁଗୋଳ ଅଫିସ, ୨୧।୭

ଅନୁଗୋଳ ଥାନା ଅଧୀନ ତୁରଙ୍ଗର ଉମାଶଙ୍କର ବଜାର ଠାରେ ବାସ କରୁଥିବା ବ୍ୟବସାୟୀ ମହେନ୍ଦ୍ର କୁମାର ସାହୁଙ୍କ ଘରୁ ଚୋରି ଘଟଣାରେ ପୋଲିସ ରବିବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଡିହିଡ଼ି ଥାନା ଅଞ୍ଚଳର ରାଧାକାନ୍ତ ପଣ୍ଡା(୫୨)। ଶୁକ୍ରବାର ରାତିରେ ମହେନ୍ଦ୍ରଙ୍କୁ ଘରୁ ୨୩ ହଜାର ଟଙ୍କା , ୩ ଭରିର ସୁନା ଗହଣା ଲୁଟ ହୋଇଥିବା ଅଭିଯୋଗ ହୋଇଥିଲା।

# ଡକାୟତି ଉଦ୍ୟମ ପଣ୍ଡ, ୫ ଗିରଫ



ବଅଁରପାଳ୨୧।୭(ଡି.ଏନ୍.ଏ)

ବଅଁରପାଳ ଥାନା ସେରେଣାବେଡ଼ା ଗ୍ରାମରୁ ଡକାୟତି ଉଦ୍ୟମ କରୁଥିବାବେଳେ ପୋଲିସ ୫ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଅନୁଗୋଳ ଥାନା ହାକିମପଡ଼ା ଅଞ୍ଚଳର ବିଶ୍ୱଜିତ ଥାପ୍ପା(୨୩), ହୁଲୁରୁସିଂହା ଅଞ୍ଚଳର ସୋନୁ ଗୁପ୍ତା(୨୮), ଖଲାରୀ ଗ୍ରାମର ସୌମ୍ୟ ପ୍ରଧାନ(୨୭), ପଞ୍ଚମହଲା ଗ୍ରାମର ଅମୂଲ୍ୟ ବେହେରା ଓ ଜରପଡ଼ା ଥାନା ତୁବେ ଗ୍ରାମର ଅନିଲ ବେହେରା। ସେମାନଙ୍କଠାରୁ ଲୁହାରଡ଼, ପାଇପ, ଭୁଜାଲି, ବାଇକ ଓ ମୋବାଇଲ ଫୋନ ଜବତ କରାଯାଇଛି।

ପୋଲିସ କହିଛି, ସେରେଣାବେଡ଼ା ଗ୍ରାମର ଏକ ବାଉଁଶ ଜଙ୍ଗଲ ଭିତରେ ଶନିବାର ୫ ଜଣ ଯୁବକ ଡକାୟତି ପାଇଁ ଯୋଜନା କରୁଥିବା ଖବରପାଇ ଥାନା ଏସ୍ଆଇ ତ୍ରିଲୋଚନ ଖଟୁଆ, ଏଏସ୍ଆଇ ଅଶୋକ ତ୍ରିପାଠୀ, ନରେଶ କୁମାର ସିଂଙ୍କ ସମେତ ପୋଲିସ ଫୋର୍ସ ଘଟଣାସ୍ଥଳରେ ଚଢ଼ାଉ କରି ଗିରଫ କରିଥିଲେ। ଅପରପକ୍ଷେ ନିକଟସ୍ଥ ଗ୍ରାମରେ ଡକାୟତି କରିବା ପାଇଁ ସେମାନେ ଯୋଜନା କରୁଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଏ ନେଇ ନଂ. ୧୫୫/୧୯ ଏକ ମାମଲା ରୁଜୁ କରାଯାଇଛି।

# ଖବରକାଗଜ ବିକ୍ରେତାଙ୍କୁ ଚାପିଦେଲା ଟ୍ରକ୍



ପାଲଲହଡ଼ା,୨୧।୭(ଡି.ଏନ.ଏ.)

ପାଲଲହଡ଼ା ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥ ବାଲିପଶି ଗ୍ରାମ ନିକଟରେ ରବିବାର ସକାଳେ ଏକ ଟ୍ରକ ଧକ୍କାରେ ଜଣେ ଖବରକାଗଜ ବିକ୍ରେତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୁଣାଗୌଡ଼ସାହିର ବସନ୍ତ ମହାକୁଳ (୩୩)। ବସନ୍ତ ସାଇକେଲ ଯୋଗେ ଖବରକାଗଜ ବାଣ୍ଟିବା ପାଇଁ ଯାଉଥିବାବେଳେ ବାଲିପଶି ଗ୍ରାମ ନିକଟରେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ମୃତଦେହ ରଖି ୨ ଘଣ୍ଟା ଧରି ରାଜପଥ ଅବରୋଧ କରିଥିଲେ। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଥିଲା। ଖବରପାଇ ପାଲଲହଡା ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ, ଥାନା ଅଧିକାରୀ କିରଣ ମାଝି, ଏଏସ୍ଆଇ ବୁଦ୍ଧିମାନ ସେଠୀ, ଆଶିଷ ଦାସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ପାଲଲହଡ଼ା ସହକାରୀ ଜିଲାପାଳ ବ୍ରୁସିୟସ ଡୁଙ୍ଗଡୁଙ୍ଗ ଉପଖଣ୍ଡ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ବାବଦ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏ ସଂକ୍ରାନ୍ତରେ ନଂ. ୭୯/୧୯ ମାମଲା ରୁଜୁ କରାଯାଇଛି।

**ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ**

■ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ଯୁବ ଶାଖାର ବୈଠକ

# 'ଚାଷୀ ବିକାଶ ନେଇ ସଂଗ୍ରାମ ଜାରି ରହିବ'




ରାଜ୍ୟ ଯୁବ ଆଇଏନ୍‌ଟିୟୁସିର କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

ବଅଁରପାଳ, ୨୧।୭(ଡି.ଏନ୍.ଏ.)

ନାଲ୍କୋ ଏମ୍ପ୍ଲୋଇଜ ଶ୍ରମିକ ସଂଘ କାର୍ଯ୍ୟାଳୟଠାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ଯୁବ ଶାଖାର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୁବ ଶାଖାର ସଭାପତି ସତ୍ୟବ୍ରତ ନାୟକ ଏଥିରେ ଅଧକ୍ଷତା କରିଥିଲେ। ଯୁବ ଶାଖାର ରାଜ୍ୟ ସଭାପତି ଯୋଗଦେଇ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତିକୁ ସମାଲୋଚନା କରିଥିଲେ। ସମଗ୍ର ରାଜ୍ୟରେ ଶିଳ୍ପ କଳକାରଖାନା ଗଢ଼ି ଉଠିଥିଲେ ମଧ କାର୍ଯ୍ୟରତ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରି ମିଳି ପାରୁନାହିଁ। ଏହାସହ ସର୍ବନିମ୍ନ ସାମାଜିକ ସୁବିଧା ମଧ ଯୋଗାଇ ଦିଆଯାଉ ନାହିଁ। ରାଜ୍ୟରେ ବେକାରୀ ସମସ୍ୟା ବଢି ଚାଲିଥିବାବେଳେ ଯୁବତୀଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ତେଣୁ ରାଜ୍ୟରେ ଗଢ଼ି ଉଠିଥିବା ଶିଳ୍ପ କଳାକାରଖାନାରେ ସ୍ଥାନୀୟ ବେକାର ଶିକ୍ଷିତଙ୍କୁ ଅଗ୍ରାଧିକାର ଭିତ୍ତିରେ କର୍ମ ନିଯୁକ୍ତି ପ୍ରଦାନ କରିବାକୁ ବୈଠକରେ ଦାବି ହୋଇଥିଲା।

ସେହିପରି ରାଜ୍ୟର ବହୁ ଜିଲାରେ ବିଭିନ୍ନ ପ୍ରକଳ୍ପ ଯୋଗୁ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଛି। ତେଣୁ ପ୍ରଦୂଷଣ ମୁକ୍ତ ପରିବେଶ ଗଠନ ନିମନ୍ତେ ଦାବି ଉପସ୍ଥାପନ ହୋଇଥିଲା। ଏଥିସହ ଶ୍ରମିକଙ୍କ ବିଭିନ୍ନ ସମସ୍ୟାକୁ ନେଇ ୨୦ଟି ପ୍ରସ୍ତାବ ଆଗତ ହୋଇଥିଲା। ଆଗାମୀ ଦିନରେ କୃଷକଙ୍କ ବିକାଶକୁ ନେଇ ସମଗ୍ର ରାଜ୍ୟରେ ସଂଗ୍ରାମ ଜାରି ରଖିବାକୁ ସଭାପତି ଉପସ୍ଥିତ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବ ଶାଖାର ଜାତୀୟ ସମ୍ପାଦକ ନିର୍ମଳ ସାମଲ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ କର୍ମକର୍ତ୍ତା ପରେଶ ଜେନା, ଦିଲୀପ ମିଶ୍ର, ଦିଗାମ୍ବର ଗଡ଼ନାୟକ, ବୈଭବ ଜେନା, ବିମଳ ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ଅଜୟ ପାଇକରାୟ, ଚନ୍ଦ୍ରକାନ୍ତ ଖଣ୍ଡେଇ, ଭବାନୀ ଶଙ୍କର ଜେନାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ନିର୍ମଳ ସାମଲ ସଭାରେ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଗୋଳ ଜିଲା ସଭାପତି ସୁଦିପ ମିଶ୍ର ଧନ୍ୟବାଦ ଦେଇଥିଲେ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ